ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.208 Bhubaneswar Tuesday September 26 2023 | ୨୬ତମ ବର୍ଷ | ସଂଖ୍ୟା–୨୦୮ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୬, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଫସିଯିବେ କି ବିଜେଡି ବିଧାୟକ ପ୍ରତାପ ଜେନା ? କୋର୍ଟ ଦେଇଛନ୍ତି ଏମିତି ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୯(ପି.ଏନ): ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ମାମଲାରେ ବଢ଼ିଲା ବିଜେଡି ବିଧାୟକ ପ୍ରତାପ ଜେନାଙ୍କ ଅଡୁଆ । ତାଙ୍କ ନାଁରେ ମାମଲା ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ସାଲେପୁର ଜେଏମ୍ଏଫସି କୋର୍ଟ । କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରତାପଙ୍କ ବିରୋଧରେ ହତ୍ୟା, ହତ୍ୟା ଷଡଯନ୍ତ୍ର ଓ ଧମକ ଦଫାରେ ମାମଲା ଚାଲୁ ରହିବ ।ସାଲେପୁର ଜେଏମ୍ଏଫସି କୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ସେଥିରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଅଭିଯୋଗକାରୀ ଓ ସାକ୍ଷୀମାନଙ୍କର ବୟାନ ଏବଂ ବିଭିନ୍ନ ରେକର୍ଡପତ୍ର ଗୁଡିକୁ ଦେଖିଲେ ଆପାତତଃ ପ୍ରତାପ ଜେନାଙ୍କ ବିରୋଧରେ ପ୍ରମାଣଯୋଗ୍ୟ ତଥ୍ୟ ରହିଛି ।ପ୍ରତାପ ଜେନା ବିଧାୟକ



ହୋଇଥିବାରୁ ଏହି ମାମଲାକୁ ଭୁବନେଶ୍ୱର ସ୍ପେଶାଲ କୋର୍ଟକୁ ସ୍ଥାନାନ୍ତର କରାଯାଇଛି । ଭୁବନେଶ୍ୱର ସ୍ପେଶାଲ କୋର୍ଟରେ ବିଧାୟକ ବା ସାଂସଦ ମାନଙ୍କ ବିରୋଧରେ ଥିବା ମାମଲାଗୁଡିକର ତ୍ୱରିତ ବିଚାର କରାଯାଏ ।ଏହି ମାମଲାର ତଦନ୍ତ ମାହାଙ୍ଗା ପୁଲିସ କରୁଥିଲା । ମୃତକଙ୍କ ପରିବାର ଲୋକେ ସେମାନଙ୍କ ଏତଲାରେ ସିଧାସଳଖ ବିଧାୟକ ତଥା ତତ୍ ?କାଳୀନ ଆଇନ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାଁ ଉଲ୍ଲେଖ କରିଥିଲେ । ସେ ଏହି ହତ୍ୟାକାଣ୍ଡର ମୁଖ୍ୟ ଷଡଯନ୍ତ୍ରକାରୀ ବୋଲି ସେମାନେ ଅଭିଯୋଗ କରିଥିଲେ । କିନ୍ତୁ ପୁଲିସ୍ ଯେତେବେଳେ ମାମଲାର ତଦନ୍ତ କରି ଚାର୍ଜଶିଟ୍ ଦାଖଲ କଲା, ସେତେବେଳେ ସେଥିରେ ପ୍ରତାପ ଜେନାଙ୍କ ନାଁ ନଥିଲା । ପ୍ରତାପ ଜେନାଙ୍କୁ ପୁଲିସ୍ କ୍ଲିନ୍‌ଚିଟ୍ ଦେଇଥିଲା । ପ୍ରତାପ ଜେନାଙ୍କର ଏହି ମାମଲାରେ କିଛି ସଂପୃକ୍ତି ନାହିଁ ବୋଲି ଚାର୍ଜଶିଟ୍‌ରେ ଦର୍ଶାଯାଇଥିଲା ।

## ବିଧାନସଭାରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ବିଲ୍ ଆଗତ

ଭୁବନେଶ୍ୱର,୨୫।୯(ପି.ଏନ): ରାଜ୍ୟରେ ସହଜ, ସରଳ ଓ ସ୍ୱଚ୍ଛ ହେବ ଆପାର୍ଟମେଣ୍ଟ କିଣାବିକା କାରବାର । ଆପାର୍ଟମେଣ୍ଟ କ୍ରେତାମାନଙ୍କର ଏଣିକି ସାଧାରଣ କ୍ଷେତ୍ର ବା କମନ ଏରିଆରେ ସମାନ ଅଧିକାର ରହିବ । ଏନେଇ ବାଟ ଫିଟିଛି । ବିଧାନସଭାରେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ବିଲ ଆଗତ ହୋଇଛି । କିଛି ଦିନ ତଳେ ଅଧ୍ୟାଦେଶ ଆକାରରେ ଆଣିଥିବା ଓଡିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ-୧୯୮୨ ଏବଂ ଓଡିଶା ଆପାର୍ଟମେଣ୍ଟ ମାଲିକାନା ନିୟମ-୧୯୯୨କୁ କାର୍ଯ୍ୟକାରୀ ହେବା ପରେ ଏହାକୁ ଆଇନରେ ପରିଣତ କରିବାକୁ ବିଲ୍ ଉପସ୍ଥାପିତ ହୋଇଛି । ଏହା ଫଳରେ ଆପାର୍ଟମେଣ୍ଟର ସ୍ୱତନ୍ତ୍ର ମାଲିକାନା ଏବଂ ଅଧିକାର କ୍ରେତାମାନେ ପାଇବେ ।



ଆପାର୍ଟମେଣ୍ଟ ମାଲିକ ତାଙ୍କ ଆପାର୍ଟମେଣ୍ଟ ଏବଂ ସାଧାରଣ କ୍ଷେତ୍ର ତଥା ଅବିଭକ୍ତ ଆଗ୍ରହକୁ ବିକ୍ରୟ, ବନ୍ଧକ, ଲିଜ୍, ଉପହାର, ବିନିମୟ କିମ୍ବା ଅନ୍ୟ କୌଣସି ଉପାୟରେ ଏହି ଆପାର୍ଟମେଣ୍ଟରେ ଥିବା ସୁବିଧାଗୁଡ଼ିକୁ ସ୍ଥାନାନ୍ତର କରିବାକୁ ବାଟ ଫିଟିବ । ପୂର୍ବରୁ ଥିବା ନିୟମାବଳୀରେ ଅସଙ୍ଗତି କାରଣରୁ ହାଇକୋର୍ଟରେ ଏକାଧିକ ମାମଲା ଦାୟର ହୋଇଥିଲା । ଏଥିଯୋଗୁଁ ଆପାର୍ଟମେଣ୍ଟଗୁଡିକର ପଞ୍ଜୀକରଣ ବନ୍ଦ ହୋଇଯାଇଛି । ଯେଉଁଥିପାଇଁ ଆପାର୍ଟମେଣ୍ଟ କ୍ରେତାମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ସରକାରଙ୍କ ରାଜସ୍ୱ ମଧ୍ୟ ହ୍ରାସ ପାଇଛି । ଏବେ ବିଧାନସଭାରେ ବିଧେୟକ ଆସିବା ଦ୍ୱାରା ଏହା ଗୃହୀତ ହେଲେ ଆପାର୍ଟମେଣ୍ଟ କିଣାବିକା କାରବାର ଆଇନ ସହଜ ଓ ସ୍ୱଚ୍ଛ ହେବ ।

## ହୀରାକୁଦ ଜଳଭଣ୍ଡାରରୁ ୧୪ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୨୫।୯(ପି.ଏନ): ଆଜି ମଧ୍ୟାହ୍ନ ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ୧୦ଟି ସ୍ଲୁଇସ୍ ଗେଟ୍ ବନ୍ଦ କରାଯାଇଛି । ଫଳରେ ଏବେ ମୋଟ୍ ୧୪ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି । ବନ୍ଧର ବାମ ପାର୍ଶ୍ୱ ଡାଇକ୍ ର ୮ଟି ଏବଂ ଡାହାଣ ପାର୍ଶ୍ୱ ଡାଇକ୍ ର ୬ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୪୭ ହଜାର ୧୪୨ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ୧୪ଟି ସ୍ଲୁଇସ୍ ଗେଟ୍, ବିଭିନ୍ନ ପାୱାର ଚାନେଲ ଓ ସ୍ପିଲୱେ ଦେଇ ପ୍ରତି ସେକେଣ୍ଡରେ ୨ ଲକ୍ଷ ୬୪ ହଜାର ୫୫୧ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୮.୫୪ ଫୁଟ୍ ରହିଛି । ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ।

## ଦୁଃଖ ପାଲଟିଛି କୁଶଭଦ୍ରା ବ୍ରିଜ୍ ?

ନିମାପଡା,୨୫।୯(ପି.ଏନ): ନିମାପଡା ପରିବା ବଜାର ରୁ କିଛି ଦୂରରେ କୁଶଭଦ୍ରା ବ୍ରିଜ୍ ? ଅବସ୍ଥିତ, ବିଶେଷ କରି ସେଇ ବ୍ରିଜ୍ ? ଦେଇ କୋଣାର୍କ ଆଉ କାକଟପୁର ଅସ୍ତରଙ୍ଗ ଯାତାୟାତ ପାଇଁ ସେଇ କୁଶ ଭଦ୍ରା ବ୍ରିଜ୍ ? ହିଁ ନିର୍ଭରଶିର,ସେହି ପରି ଏହି ଅଞ୍ଚଳରେ ଲୋକମାନେ ଚିକିତ୍ସା ଲାଗି ଚାରିଛକ ଆଉ ନିମାପଡା ମେଡିକାଲ ଉପରେ ନିର୍ଭର କରନ୍ତି ତା ସହିତ ପାଠ ପଢିବା ପାଇଁ ବହୁତ ଦୂରରୁ ନିମାପଡା କଲେଜେ କୁ ସେଇ ବ୍ରିଜ୍ ? ଦେଇ ଯାତାୟାତ କରନ୍ତି କିନ୍ତୁ ସେଇ କୁଶଭଦ୍ରା ବ୍ରିଜ୍ ? ଲୋକଙ୍କ ପାଇଁ ଦୁଃଖ ପାଲଟିଛି । ସେଇ ବ୍ରିଜ୍ ? ଉପରେ ବଡ ବଡ ଖାଲ ହେଇଥିବାରୁ ସେଇ ବ୍ରିଜ୍ ? ଏବେ ମରଣ ଜନ୍ତା ପାଲଟିଛି । ଘରୁ ବାହାରିଲେ ଯାତାୟାତ କରୁଥିବା ଲୋକମାନେ ଠିକ ସମୟରେ ପହଁଚିବେ କି ନାହିଁ ତାହାକୁ ନେଇ ସମସ୍ତେ ସନ୍ଦେହ ରେ ଥାନ୍ତି କ୍ଷ ନିମାପଡା ରୁ କାକଟପୁର ଯିବାପାଇଁ ବ୍ରିଜ୍ ? ର ତଳପାଶ୍ୱରେ ନିମାପଡା ଡେଲିପରିବା ମାରକେଟ କୁ



ଲୋକ ମାନେ ପରିବା କିଣିବାକୁ ଆସୁଥିବାରୁ ଟ୍ରାଫିକ ଜାମ ହେଉଥାଏ ଓ ବ୍ରିଜ୍ ? ର ଆରପଟେ ଦୋକାନ ଥିବାରୁ ବ୍ରିଜ୍ ? ଉପରେ ଏତେ ଟ୍ରାଫିକ ଜାମ ହେଉଛି ଯେ ରୋଗୀ ଠିକ ସେ ପହଁଚିବେ କି ନାହିଁ ସନ୍ଦେହରେ । ଏବେ ପାର୍ବଣ ଋତୁ ହେଇଥିବାରୁ ଲୋକମାନେ ବଜାରରୁ ଜିନିଷ କିଣିବା ପାଇଁ ଆସି ଗାଡି ମଟର ଘଣ୍ଟା ଘଣ୍ଟା ଧରି ଫସି ରହୁଛନ୍ତି ଯାତାୟାତ କରୁଥିବା ଲୋକେ, ଏପରିକି ବେଳେ ବେଳେ ବ୍ରିଜ୍ ? ଉପରେ ମୋଟର ସାଇକେଲ ବି ଅତୀକ୍ରମ କରିବାକୁ ଘଣ୍ଟା ଘଣ୍ଟା ସମୟ ଲାଗୁଛି । ତିନି ଚାରି ଚକିଆ ଜାନ କଥା ନକହିବା ଭଲ । ସେଇବ୍ରିଜ୍ ? ଉପରେ ଏତେ ସଂଖ୍ୟାର ଜାନ ଅଟକୁ ଥିବାରୁ ଏହି ବ୍ରିଜ୍ ବହୁତ ପୁରୁଣା ହୋଇଥିବାରୁ ସେହି ସ୍ଥାନରେ ଅଟକୁ ଥିବା ଯାନ ର ଓଜନ ସମ୍ଭାରୀ ପାରିବକି ନାହିଁ ଅଞ୍ଚଳ ବାସି ସନ୍ଦେହ ପ୍ରକଟ କରିଛନ୍ତି ।

## ବର୍ଷା ହେଲେ ପାଣି ଗଳୁଛି, ଖରା ହେଲେ କଂକ୍ରିଟ୍ ଖସୁଛି; ପିଲାମାନେ ପଢ଼ିବେ କେଉଁଠି ?

ଭୁବନେଶ୍ୱର,୨୫।୯(ପି.ଏନ): ଧନ୍ୟ ଆମ ଶିକ୍ଷା ବ୍ୟବସ୍ଥା । ଧନ୍ୟ ଆମ ସରକାର । ସ୍ମାର୍ଟ ସ୍କୁଲର ସ୍ୱପ୍ନ ଦେଖାଉଥିବା ସରକାର ରାଜ୍ୟରେ ଏମିତି ବିଦ୍ୟାଳୟ ତିଆରି କରିଛନ୍ତି, ଯେଉଁଠି ବର୍ଷା ହେଲେ ପାଣି ଗଳୁଛି, ଖରା ହେଲେ ଛାତରୁ ସିମେଣ୍ଟ କଂକ୍ରିଟ୍ ଖସୁଛି । ତାହା ହେଲେ ଆଦିବାସୀ ପିଲାମାନେ ରହିବେ କେଉଁଠି ପାଠ ପଢ଼ିବେ କେମିତି ଶ୍ରେଣୀ ଗୃହ ପାଲଟିଛି ହଷ୍ଟେଲ୍ । ଯେଉଁଠି ରାତି ପିଲାମାନେ ଶୋଉଛନ୍ତି ଓ ଦିନରେ ଚାଲିଛି କ୍ଲାସ୍ । ଏମିତିକା ସ୍କୁଲ ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲ୍ଲାରେ ।ଖଣି ଖାଦାନ ଭରା କୋଇଡା ବ୍ଲକ୍ ରକ୍ସି ପଞ୍ଚାୟତର ବଡ଼ରକ୍ସି ଗାଁରେ ୧୯୫୪ ମସିହାରେ ସ୍ଥାପିତ ହୋଇଥିଲା ବଡ଼ରକ୍ସି ଆଶ୍ରମ ବିଦ୍ୟାଳୟ । ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ଚଳିତବର୍ଷ ପଢୁଛନ୍ତି ୧୫୩ ଛାତ୍ରଛାତ୍ରୀ । ୪ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି । ୪ଟି ଶ୍ରେଣୀ ଗୃହରେ ୮ଟି ଶ୍ରେଣୀର ପିଲାମାନେ ବସି ପାଠ ପଢୁଛନ୍ତି । ଏହି ଆଶ୍ରମ ବିଦ୍ୟାଳୟରେ ୧୩ଟି ଗାଁର ପିଲାମାନେ ଅଧ୍ୟୟନ କରୁଛନ୍ତି ।

## ଗାଁକୁ ନାହିଁ ପକା ସଡକ

ନିମାପଡ଼ା , ୨୫।୯ (ପି.ଏନ): ନିମାପଡ଼ା ବ୍ଲକ୍ ବାମାନାଳ ପଞ୍ଚାୟତ୍ ଅଧୀନ ବାରୀମୁଣ୍ଡ ର ପୂର୍ବ ସାହି ଅବହେଳିତ ହୋଇ ପଡ଼ିଛି କ୍ଷ ଗ୍ରାମରେ ୨୫ରୁ ୩୦ ପରିବାର ବାସ କରୁଥିବା ବେଳେ ସେଇ ରାସ୍ତା ହିଁ ତାଙ୍କର ସବୁକିଛି , ସେଇ ରାସ୍ତା ଦେଇ ପିଲାମାନେ ସ୍କୁଲ ଯିବା ଆସିବା କରନ୍ତି ,ଆଉ ବର୍ଷା ହେଲେ ରାସ୍ତା କାଦୁଅ ହୋଇଯିବା କାରଣରୁ ପିଲା ମାନେ ସ୍କୁଲ ଯାଇ ପରାନ୍ତିନି,ଏମିତିକି ଗାଁ ର କାହା ଦେହ ଖରାପ ହେଲେ ଷ୍ଟ୍ରେଚର୍ ରେ ବୋହିକି ଆଣନ୍ତି ଏମିତି କି ୧୦୮ଭଳି ଜରୁରୀ କାଳୀନ ଗାଡ଼ି ଆସି ପାରୁନଥିବାରୁ ନାହିଁ ନଥିବା ଅସୁବିଧାର ପଡୁଛନ୍ତି । ଗ୍ରାମବାସୀଙ୍କୁ ପଚାରିବାରୁ ସେମାନେ କହିଛନ୍ତି ସରକାରଙ୍କ ତରଫରୁ ୨ବର୍ଷ ତଳେ ରାସ୍ତା ପାଇଁ ୨ ଲକ୍ଷ୍ୟ ଟଙ୍କା କାମ ହେବା ପାଇଁ ଆସିଥିଲା କିନ୍ତୁ ଯିଏ କାମ କରୁଥିଲେ ସେ ଖାଲି କେନାଲ ର ଅଧା ପାଚେରୀ କରି ଆଉ ଦେଖା ନାହିଁ , ତାକୁ ପଚାରିବାରୁ ସେ



କହିଲେ ମୋର ବିଲ ହୋଇ ପାରୁନି ମୁଁ ରାସ୍ତା କିପରି କରିବି କହି ଗ୍ରାମ ର ଲୋକ ମାନଙ୍କୁ ଭୁଆଁ ବୁଲାଉଛି । ଗ୍ରାମ ଲୋକମାନେ କହିବା ଅନୁଯାୟୀ ସବୁ ଗାଁ କୁ ରାସ୍ତା ଥିବା ବେଳେ ତାଙ୍କ ଗାଁ କୁ କଣ ପାଇଁ ଆଜିଯାଏ ରାସ୍ତା ହୋଇ ପାରୁନି , ୨ଲକ୍ଷ୍ୟ ଟଙ୍କା ଯିଏ କାମ କରୁଥିଲା ସେ ଫଲସ୍ ବିଲ୍ କରି ସବୁ ଟଙ୍କା ହଡପ କରିଛି ବୋଲି ଗ୍ରାମ ଲୋକ ସନ୍ଦେହ କରିବା ସହିତଏଥିରେ ତାହାର ତଦନ୍ତ କରାଯାଉ ବୋଲି ସତ୍ୟବାଦୀ ଦାଶ, ଅଭିମନ୍ୟୁ ନାୟକ, ଦେବଦତ୍ତ ନାୟକ, ପ୍ରକାଶ କୁମାର ସେଠୀ ,ସତ୍ୟବ୍ରତ ନାୟକ, ରାମଚନ୍ଦ୍ର ପ୍ରଧାନ, ରଶ୍ମିରଂଜନ ସେଠୀ, ଉପେନ୍ଦ୍ର ନାୟକ, ଚିତ୍ରସେନ ନାୟକ, ଦୁଖୀ ଶ୍ୟାମ ନାୟକ ଅଭିଯୋଗ କରିଛନ୍ତି ।

## ବିଧାନସଭାରେ ୨ ଟି ବିଲ୍ ପାସ୍

ଭୁବନେଶ୍ୱର,୨୫।୯(ପି.ଏନ): ରାଜ୍ୟ ବିଧାନସଭାରେ ସୋମବାର ୨ ଟି ବିଲ୍ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ପାରିତ ହୋଇଯାଇଛି । ମନ୍ତ୍ରୀ ଶ୍ରମତୀ ଟୁକୁନୀ ସାହୁ ଓଡ଼ିଶା ପାଣି ପଂଚାୟତ (ସଂଶୋଧନ) ବିଲ୍ , ୨୦୨୩ ଆଗତ କରିଥିବା ବେଳେ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ ଓଡିଶା ପୌର ବିଧି (ସଂଶୋଧନ) ବିଲ୍ ୨୦୨୩ ଆଗତ କରିଥିଲେ । ଅପରାହ୍ନରେ ଉଭୟ ବିଲ୍ ପାରିତ ହୋଇଥିଲା ।

## ମାହାଙ୍ଗା ଡବଲ ମର୍ଡର : ପ୍ରତାପ ଜେନାଙ୍କ ବିରୋଧରେ ମାମଲା ଚାଲୁ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୫।୯(ପି.ଏନ): ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କ ପାଇଁ ଅଡୁଆ ବଢ଼ିଛି । ହତ୍ୟା, ହତ୍ୟା ଷଡଯନ୍ତ୍ର, ଧମକ ଦେଇଥିବା ଦଫାରେ ପ୍ରତାପଙ୍କ ବିରୋଧରେ ମାମଲା ଚାଲୁ ରଖିବାକୁ ସାଲେପୁର ଜେଏମଏଫସି କୋର୍ଟଙ୍କ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, ଅଭିଯୋଗକାରୀ ଓ ସାକ୍ଷୀମାନଙ୍କର ବୟାନ ଏବଂ ବିଭିନ୍ନ ରେକର୍ଡପତ୍ର ଗୁଡ଼ିକୁ ଦେଖିଲେ ଆପାତତଃ ପ୍ରତାପ ଜେନାଙ୍କ ବିରୋଧରେ ପ୍ରମାଣଯୋଗ୍ୟ ତଥ୍ୟ ରହିଛି । ପ୍ରତାପ ଜେନା ବର୍ତ୍ତମାନ ବିଧାୟକ ହୋଇଥିବାରୁ ମାମଲାକୁ ଭୁବନେଶ୍ୱର ସ୍ପେଶାଲ କୋର୍ଟକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ହୋଇଛି ।ସୂଚନାଯୋଗ୍ୟ, ୨୦୨୧ ଜାନୁଆରୀ ୨ ତାରିଖ ରାତିରେ ବିଜେପି ନେତା କୁଳମଣି ଓ ତାଙ୍କ ସଂପର୍କୀୟ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା । ଏହି ହତ୍ୟାକାଣ୍ଡରେ ୧୩ ଜଣଙ୍କ ନାମରେ ଅଭିଯୋଗ ହୋଇଥିଲା । ଏଥିରୁ ୯ ଜଣ ଗିରଫ ହୋଇ ସାରିଛନ୍ତି । ଏତଲା ଅନୁଯାୟୀ ୧୩ନଂ ଅଭିଯୁକ୍ତ ଥିଲେ ପ୍ରତାପ ଜେନା । ୨୦୨୧ ଜାନୁଆରି ୬ ତାରିଖରେ ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ମୃତ୍ୟୁ ହୋଇଥିଲା । ଏହି ମାମଲାରେ ପ୍ରତାପ ଜେନାଙ୍କର କିଛି ସଂପୃକ୍ତି ନାହିଁ ବୋଲି ଚାର୍ଜସିଟ୍ ରେ ଦର୍ଶାଯାଇଥିଲା । ପୁଲିସର ଚାର୍ଜସିଟ ଦାଖଲ ପରେ ମୃତକଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ । ପରବର୍ତୀ ସମୟରେ ମୃତ କୁଳମଣି ବାରିକଙ୍କ ପରିବାର ପକ୍ଷରୁ ଏକ ପ୍ରୋଟେଷ୍ଟ ପିଟିସନ ଦାଖଲ କରାଯାଇଥିଲା ।

## ଆଲୋଚନା ବିଫଳ; ଦାବି ପୂରଣ ନହେଲେ ୩ରେ ଓଡିଶା ବନ୍ଦ

ଭୁବନେଶ୍ୱର,୨୫।୯(ପି.ଏନ): ଶ୍ରୀମନ୍ଦିର ଚାରି ଦୁଆର ଖୋଲିବା ଓ ଅନ୍ୟାନ୍ୟ ଦାବି ପୂରଣ ନେଇ ଶ୍ରୀଜଗନ୍ନାଥ ସେନା ଦେଇଥିଲା ଓଡିଶା ବନ୍ଦ ଡାକରା । ଏହା ଉପରେ ପୁରୀ ଜିଲ୍ଲାପାଳ ଡାକିଥିବା ଆଲୋଚନା ବିଫଳ ହୋଇଛି । ୭୨ ଘଣ୍ଟା ଭିତରେ ଦାବି ପୂରଣ ନହେଲେ ଆସନ୍ତା ୩ ତାରିଖରେ ଓଡିଶା ବନ୍ଦ ଡାକରା ଦେଇଛି ଶ୍ରୀଜଗନ୍ନାଥ ସେନା ।କୋଟି ଓଡିଆଙ୍କ ମଉଡମଣୀ ହେଉଛି ମହାପ୍ରଭୁ କାଳିଆ ଠାକୁର । ସେଥିପାଇଁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଦୂରଦୂରାନ୍ତୁ



ଶ୍ରୀକ୍ଷେତ୍ର ଆସୁଛନ୍ତି । ହେଲେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନେ ନାହିଁନଥିବା ଅସୁବିଧାରେ ପଡୁଛନ୍ତି । ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲୁନଥିବାରୁ ଏପରି ସମସ୍ୟା ଉପୁଜିଛି । ବାରମ୍ବାର ଅନୁରୋଧ ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ ବା ରାଜ୍ୟ ସରକାର ଏଥିପ୍ରତି ଟିକେ ମାତ୍ର ନଜର ଦେଉନାହିଁ । ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏହା ବିରୋଧରେ ରାଜ ରାସ୍ତାକୁ ଓହ୍ଲାଇବ ଶ୍ରୀ ଜଗନ୍ନାଥ ସେନା । ଅକ୍ଟୋବର ୩ ତାରିଖରେ ଜଗନ୍ନାଥ ସେନା ଶାନ୍ତିପୂର୍ଣ୍ଣ ଓଡିଶା ବନ୍ଦ ଡାକରା ଦେଇଛି । ଶ୍ରୀମନ୍ଦିର ଚାରିଦ୍ୱାର ଓ ରତ୍ନଭଣ୍ଡାର ଖୋଲିବା ଏବଂ ରତ୍ନଭଣ୍ଡାର ସୁରକ୍ଷା ଦାବିରେ ସେନା ଏହି ବନ୍ଦ ଡାକରା ଦେଇଛି ।

## କୋଟି କୋଟି ଟଙ୍କା ବ୍ୟୟ ହେଉଛି ଜମିକୁ ପାଣି ଯାଉନି, ଶୁଖିଲା ପଡିଛି କେନାଲ, ଚାଷୀ ଜଳକର ଦେବେ କେଉଁ ସ୍ୱାର୍ଥରେ

କାକଟପୁର,୨୫।୯(ପି.ଏନ): କେନାଲ ସଫେଇ , ଘାସତଚ୍ଛା, ଘଳିଆମରା , ପ୍ରୋଟେକ୍ସନ (ୱାଲ) କେନାଲ କଂକ୍ରିଟ ଲାଇନିଙ୍ଗ ନିର୍ମାଣ ଓ ମରାମତି ଆଳରେ ପ୍ରତିବର୍ଷ କାକଟପୁର ଜଳସେଚନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ହେଉଛି କ୍ଷ କିନ୍ତୁ କେନାଲ ତଳ ମୁଣ୍ଡରେ ପାଣି ପହଞ୍ଚିପାରୁନଥିବାରୁ ଚାଷ ଜମି ପଡିଆ ପଡୁଛି । କେଉଁ (ସ୍ୱାର୍ଥରେ )ଚାଷୀ ଜଳକର ଦେବେ ବୋଲି ଅଭିଯୋଗ କରୁଛନ୍ତି । ଆଜକୁ ୪ ବର୍ଷ ଧରି କେନାଲ ସଫେଇ କାର୍ଯ୍ୟରୁ ପାଣି ପଞ୍ଚାୟତ ବାଦପଡ଼ିଥିବା ବେଳେ କେନାଲରେ ପାଣି ଆସିବା ପରେ ବିଭାଗ ପକ୍ଷରୁ ଟେଣ୍ଡର ଡକାଯାଉଛି । ଠିକାଦାର ଜନଗହଳି ପୂର୍ଣ୍ଣ ସ୍ଥାନରେ କେନାଲକୁ ଭଲ ଭାବେ ସଫା କରିଦେଇ ଅନ୍ୟ ସ୍ଥାନଗୁଡିକରେ କେନାଲରେ ଉଠିଥିବା ଅନାବନା ଘାସ ଉପରେ ଜେସିବି ଚଢ଼ାଇ ଦେଇ ଚାଲି ଯାଉଥିବାରୁ ସଫେଇର ଆଠ ଦିନ ମଧ୍ୟରେ ଦବି ଯାଇଥିବା ବେଣା , ଖରୀ ଗଛ ସହ ଅନ୍ୟାନ ଗଛ ପୂର୍ବ ଭଳି ଠିଆ ହୋଇଯାଉଛି । ଯାହାରକି ( ଜ୍ୱଳନ୍ତ ) ଉଦାହରଣ ନୀଳକଣ୍ଠପୁର , ଆଦାମପୁର, ଓଳଙ୍ଗର, ଲତାହରଣ , ବିରିଡି , କାହାଳ, ଅଙ୍କୁଅ, ଗବଠେଙ୍ଗ



, କୁହୁଡି , କଣବଣ, ମହାଦେବବସ୍ତ , ପାଟସୁନ୍ଦରପୁର , ନଇଗୁଆଁ, ବାଉରିଆକଣ , କାକଟପୁର ଡିଷ୍ଟ୍ରିବ୍ୟୁଟାରୀରୁ ବାହାରିଥିବା ବିଭିନ୍ନ ଶାଖା, ଉପଶାଖା, ଅତିରିକ୍ତ ଉପଶାଖା କେନାଲରେ ଦେଖିବାକୁ ମିଳୁଛି । ଓସିଆଁଠାରୁ ଅଶନ ଯାଇଥିବା କେନାଲ ମାଟିରେ ମିଶିଯାଇଥିବାବେଳେ ପ୍ରତିବର୍ଷ କେନାଲ ସଫେଇ ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହେଉଛି । ସେହିପରି ବିଶୁଳିପଡା, କନ୍ତିଲୋ, ନରସିଂହପୁର , ଜଗନ୍ନାଥପୁର , ପାଟପୁର , ସୁହାଗପୁର, ଈଶାଣପୁର ଆଖୁରିଆ , ପାଟଲିଗାଁ , ତଇଆ , ନାଗପୁର , ରତନପୁର , ଉଦୟପୁର ଆଦି କେନାଲ ଶୁଖିଲାପଡିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି । କେନାଲ ସଫା ପରେବି କେନାଲ ମଧ୍ୟରେ ଅନାବନା ଗଛର ଘଞ୍ଚ ଜଙ୍ଗଲ ଦେଖିବାକୁ ମିଳୁଛି । ଅଭିଯୋଗ କଲେ ବିଭାଗ ପକ୍ଷରୁ ସଫେଇ ଦିଆଯାଉଛିଯେ କେନାଲରେ ଲୋକ ଅଳିଆ ପକାଉ ଥିବାରୁ କେନାଲ ତଳ ମୁଣ୍ଡକୁ ପାଣି ଯାଇପାରୁନି । କାକଟପୁର ଜଳସେଚନ ବିଭାଗ ଉପଖଣ୍ଡ ଅଧିନରେ ଥିବା ୨୨୧ କିମି ଲମ୍ବ ବ୍ୟାସର୍ଦ୍ଧ ବିଶିଷ୍ଟ କେନାଲ ମଧ୍ୟରୁ ବିଭାଗୀୟ ଅପାରଗତା କାରଣରୁ ଶତକଡା ୩୦ ଭାଗ କେନାଲର(ଅସ୍ତିତ୍ୱ) ନାହିଁ ବୋଲି ଚାଷୀ ଅଭିଯୋଗ କରିବା ସହିତ ଅଞ୍ଚଳରେ ଏଭଳି ସବୁ କେନାଲ ଅଛି ଯେଉଁ କେନାଲରେ କି ଆଜକୁ ବର୍ଷ ବର୍ଷ ଧରି ପାଣି ଯାଉନି । କେନାଲକୁ ପୋତି ଲୋକେ ସ୍ଥାୟୀ ଘର (ଦ୍ୱାର) ନିର୍ମାଣ କରିସାରିଲେଣି । ଅପରପକ୍ଷରେ ପ୍ରତିବର୍ଷ କେନାଲକୁ ଶ୍ରମିକ ବଦଳରେ ଜେସିବି ମେସିନ ଲଗାଇ କେନାଲ ସଫା କରିବା ଯୋଗୁଁ କେନାଲ ବେଳକୁ ବେଳ ଖାଲ ହୋଇ ହୋଇ ଶୋଠକୁ ପାଣି ଉଠୁନଥିବା ମୁଖ୍ୟ କାରଣ ବୋଲି ଜଣାପଡିଛି । ଅପରପକ୍ଷରେ କେନାଲ ତଳମୁଣ୍ଡରେ ପାଣି ପହଞ୍ଚାଇବା ପାଇଁ କାକଟପୁର ଜଳସେଚନ ବିଭାଗ ଉପଖଣ୍ଡ ଅଧିନରେ ଥିବା କେନାଲ ଗୁଡିକ ମଧ୍ୟରୁ କେତେକ କେନାଲକୁ ଗତ କିଛି ବର୍ଷ ଧରି ହେବ ପର୍ଯ୍ୟାୟକ୍ରମେ କଂକ୍ରିଟ ଲାଇନିଙ୍ଗ କରାଯାଉଛି । ମାତ୍ର ଉକ୍ତ କେନାଲ କଂକ୍ରିଟ ଲାଇନିଙ୍ଗ ଏଭଳି ଡିଜାଇନରେ ନିର୍ମାଣ ହୋଇଛିଯେ ଲାଇନିଙ୍ଗ ଲେବୁଲ ଠିକ ନଥିବାରୁ ଆଉଟଲେଟ ପାଖରେ ପାଣି ଜମୁଥିବା ବେଳେ କେନାଲର ଅବଶିଷ୍ଟ ଅଂଶ ବହୁତ ଡିପ ଥିବାରୁ ଆଉଟଲେଟ ଠାରୁ ପାଣି ଆଉ ଆଗକୁ ପ୍ରବାହିତ ହୋଇପାରୁନି । କାର୍ଯ୍ୟବେଳେ ଯନ୍ତ୍ରୀ ଉପସ୍ଥିତ ନରହି ଠିକାଦାର ହାତରେ କାମ ଟେକି ଦେଇଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି କେତେକ ଅଭିଜ୍ଞ ଠିକାଦାର ଅଭିଯୋଗ କରିଛନ୍ତି । ପୁରୀ ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେବା ସହ ବର୍ଷ ବର୍ଷ କେନାଲ ପାଣି ମାଡୁନଥିବା ଜମିରୁ ଜଳକର ଛାଡ଼ କରିବାକୁ କରୁଣାକର ସେନାପତି , ରଘୁନାଥ ଦୀକ୍ଷିତ, ଶ୍ୟାମ ସୁନ୍ଦର ମହାନ୍ତି , ପବିତ୍ର ମୋହନ ରାଉତ , ପ୍ରଫୁଲ ବରାଳଙ୍କ ସମେତ ଶତାଧିକ ଚାଷୀ ଦୃଢ଼ ଦାବୀ କରିଛନ୍ତି ।

## ଟଙ୍କା ଲୁଟିବାରେ ମାହିର ଆମ ନିମାପଡା ଏନଏସି

ନିମାପଡା,୨୫।୯(ପି.ଏନ): ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ବାଟମଣା କରୁଛନ୍ତି ଏନଏସି ର କର୍ମ କତା ମାନେ କଁଅଁଳ କଥା କହି ନିମାପଡା ବାସିନ୍ଦା ମାନଙ୍କୁ ଭୁଆଁ ବୁଲାଉଛନ୍ତି ଆଉ ନିଜେ ମାଲା ମାଲ ହଉଛନ୍ତି, ଯାହା କହୁଛନ୍ତି କାମରେ ସମ୍ପୂର୍ଣ ଓଲଟା, ରାଜ୍ୟ ସରକାର ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ରାଜକୋଷ ରୁ ଦେଉଥିବା ବେଳେ ଆମ ଘଇଉ ଅଫିସର ମାନେ ତାକୁ ଲୁଟିବାରେ ମାହିର, ନିମାପଡା ର ଡ୍ରେନେଜ ପାଇଁ ପ୍ରତେକ ବର୍ଷ ଟଙ୍କା ଆସିଥାଏ କାମ ପାଇଁ, ପୁଣି ସରକାରଙ୍କ ର ମାଲ ମାଲ ଯୋଜନା ସେ ସବୁ କାହା ସ୍ୱାର୍ଥରେ, ନିମାପଡା ଡ଼େଲି ପରିବା ମାରକେଟ ପଛ ସବୁ ଆଡେ ଅଳିଆ ଆବର୍ଜନା ମଦ ବୋତଲ ମାଳ ମାଳ ହୋଇ ପଡିବା, ପାଟପୁର ସଙ୍କୁଆ ଗହିରି ଠାରୁ ଘଣ୍ଟି ବ୍ରିଜ ପାଖରେ ଥିବା ଘବମ ର ଥିବା ଅଳିଆ ଜୈବିକ କୁଣ୍ଡ ଯାଏ ଷ୍ଟ୍ରିଟ ଲାଇଟ ଖରାପ ହେଇ ଯିବା ପରେ କାମ ନହେବା ଯାହା ଫଳରେ ସେଇ ରାସ୍ତା ରେ ଅଧିକ ରୁ ଅଧିକ କ୍ରାଇମ୍ ବଢ଼ିବାରେ ଲାଗିଛି, ଠିକ ସେ ଡ୍ରେନ ସଫା ନ କରିବା ଦ୍ୱାରା ବର୍ଷା ଦିନେ ପାଣି ନଯାଇ ଥାନା ସମୁଖରେ ଆଣ୍ଠୁଏ ପାଣି ତା ସହିତ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତା ରେ ପାଣି ଜମିବା ତା ସହିତ ଅନେକ ଜେଗାରେ ଡ୍ରେନେଜ ଅସୁବିଧା ହେଉଛି,ଏହା ସତ୍ୱେ ନିମାପଡା ଉଠା ଦୋକାନୀ ଠାରୁ ଓ ନୂତନ କରି ଖୋଲିଥିବା ଭେଣ୍ଡିଂଜୋନ ରୁ ଯେଉଁ ଟଙ୍କା ଆଣୁଛନ୍ତି ଅଫିସର ମାନେ ତାକୁ ନିଜ ପକେଟ କୁ ନେଉଛନ୍ତି ତା ସହିତ ଆମ ସରକାର ପ୍ରତି ବର୍ଷ ଯୋଉ ଉନ୍ନତି କରଣ ପାଇଁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଦେଉଛନ୍ତି ଘଇଉ ର ଅଫିସର ମାନେ ଆଉ ଠିକାଦାର ମାନେ ମଧୁ ଚନ୍ଦ୍ରିକା ଭାବ ରଖୀ ଟଙ୍କା ବାଟ ମଣା କରିବା ଅଭି ଯୋଗ ହେବାରେ ଲାଗିଛି ।

## ବଞ୍ଚି ଥାଉଥାଉ ଜଙ୍ଗଲରେ ଫିଙ୍ଗି ଦେଲେ, ମୁହଁ ଖୋଲୁନାହାନ୍ତି ମିଲ୍‌ମାଲିକ୍

ଭୁବନେଶ୍ୱର,୨୫।୯(ପି.ଏନ): ମରିଗଲା ମାନବିକତା । ବଞ୍ଚି ଥାଉଥାଉ ଜଣେ ଶ୍ରମିକଙ୍କୁ ଜଙ୍ଗଲରେ ଫିଙ୍ଗି ଦେଲେ । ସୌଭାଗ୍ୟକୁ ତାଙ୍କ ଜୀବନ ବଞ୍ଚିଗଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଥିଲେ । ଝାରସୁଗୁଡାରୁ ଆସିଛି ଏପରି ହୃଦୟବିଦାରକ ଘଟଣା । ପୁଲିସ୍ ଘଟଣାର ତଦନ୍ତ ଚଳାଇଥିବା ବେଳେ ଏପର୍ଯ୍ୟନ୍ତ ମୁହଁ ଖୋଲୁନାହାନ୍ତି ରାଇସ୍ ମିଲ୍ ମାଲିକ୍ ।ରେଙ୍ଗାଲି ଥାନା ବାଦିମାଲ ସ୍ଥିତ ସଙ୍ଖଲିଆ ରାଇସ୍ ମିଲରେ ଉତ୍ତରପ୍ରଦେଶ ବରେଲି ଅଞ୍ଚଳର ନତିନ ଅହମ୍ମଦ ଗତ କିଛି ମାସ ହେବ କାମ କରୁଥିଲେ । ରବିବାର ସେ କାମ କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ । ଯେଉଁଥିପାଇଁ ସେ ସଂଜ୍ଞାହୀନ ହୋଇ ପଡି ଯାଇଥିଲେ । ତାଙ୍କ ସାଙ୍ଗରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ଏହା ଦେଖି ଡରି ଯାଇଥିଲେ । ନତିନ ଅହମ୍ମଦ ମରି ଯାଇଛନ୍ତି ଭାବି ନିକଟସ୍ଥ ଜଙ୍ଗଲରେ ଫିଙ୍ଗି ଦେଇଥିଲେ । ହେଲେ ନତିନ ଅହମ୍ମଦ ବଞ୍ଚିଥିଲେ । ତାଙ୍କ ସଂଜ୍ଞା ଫେରିଲା ବେଳକୁ ସେ ଜଙ୍ଗଲରେ ପଡିଥିବା ନିଜକୁ ପାଇଥିଲେ । ଜଙ୍ଗଲକୁ ଆସିଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଝାରସୁଗୁଡା ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବର୍ଣ୍ଣ ୱାର୍ଡରେ ଏବେ ତାଙ୍କର ଚିକିତ୍ସା ଚାଲିଛି ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନିତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ମାନବସେବାରେ ଆକାଶବାଣୀ



**ସଂ**ବାଦ ପରିବେଷଣ ଏବଂ ଆହରଣ ନିମନ୍ତେ ତିନୋଟି ଗଣମାଧ୍ୟମ ଅଛି। ସେଗୁଡ଼ିକୁ ଆମେ ଦୃଶ୍ୟ, ଶ୍ରାବ୍ୟ ଏବଂ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ ବୋଲି କହୁ। ଏବେକୁ ଇଲେଟ୍ରୋନିକ୍ସ ମାଧ୍ୟମ ତତ୍‌କ୍ଷଣାତ୍ କାର୍ଯ୍ୟ କରୁଛି। ସଂପ୍ରତି ଏବେକୁ ଇଲୋଟ୍ରୋନିକ୍ ମାଧ ମଧ ତତ୍‌କ୍ଷାଣିକ କାର୍ଯ୍ୟ କରୁଛି। ସଂପ୍ରତି ଅନ୍ୟାନ୍ୟ ଗଣ ମାଧ୍ୟମ ଅପେକ୍ଷା ଦୃଶ୍ୟ-ଶ୍ରାବ୍ୟ (ଦୂରଦର୍ଶନ) ଏବଂ ଶ୍ରାବ୍ୟ (ଆକାଶବାଣୀ) ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତା' ତଳକୁ ଅଛନ୍ତି ପତ୍ର ପତ୍ରିକା ଇତ୍ୟାଦି। ତେବେ ଏକଥା ନିଶ୍ଚୟ କହିବୁ ଯେ ତୁରନ୍ତ ଏବଂ ସର୍ବକାଳୀନ କାର୍ଯ୍ୟକ୍ଷମ ନିମନେ ରେଡ଼ିଓ ବା ଆକାଶବାଣୀ ହିଁ ସର୍ବୋତ୍ତମ।



ରେଡ଼ିଓ ପୃଥିବୀର ଯେତେ ବିସ୍ମୟ ଅଛି, ସେମାନଙ୍କ ମଧ୍ୟରେ ଅନ୍ୟତମ। ଏହା ମଣିଷର ସ୍ୱରକୁ ଦୂରକୁ ବିନା ତାରରେ ଆକାଶର ମାଧ୍ୟମରେ ପଠାଇଥାଏ। ଏହା କୌଣସି ସ୍ଥାନରୁ ବାର୍ତ୍ତାକୁ ପୃଥିବୀର ଯେ କୌଣସି ସ୍ଥାନକୁ ପ୍ରେରଣ କରିବାରେ ମାତ୍ର ୩ମିନିଟ୍ ସମୟ ନିଏ।

ରେଡ଼ିଓ ଉଦ୍‌ଭାବନକୁ ହେଉଛନ୍ତି ମାର୍କୋନିଡେସ୍ ତାଙ୍କର ଉଭାବନ ମାଧ୍ୟମରେ ପୃଥିବୀବାସୀଙ୍କୁ ନିକଟରୁ ନିକଟତର କରି ପାରିଛନ୍ତି। ରେଡ଼ିଓ ସର୍ବତ୍ର ଯଥା ସହର ଓ ମଫସଲର ଘରେ ଘରେ ବଜାରଘାଟରେ, ଜାହାଜ ବା ଉଡ଼ାଜାହଜରେ ଯୁଦ୍ଧ ବା ଶାନ୍ତି କ୍ଷେତ୍ରରେ ବିପଦ କି ଆପଦବେଳେ ସହାୟତା କ୍ଷେତ୍ରରେ, ରେଳ ଚଳାଚଳ ତଥା ବ୍ୟକ୍ତିଗତ ବା ସାମୁହିକ କ୍ଷେତ୍ରରେ ବାର୍ତ୍ତାର ପ୍ରେରଣ ଓ ଶ୍ରବଣ ପାଇଁ ବ୍ୟବହୃତ ହୁଏ। ଏହା ଏକ ବିଦ୍ୟୁତ୍ ମାଧ୍ୟମ ଯନ୍ତ୍ର ହୋଇନଥିବା ହେତୁ, ସବୁ ସମୟରେ ଏବଂ ସର୍ବତ୍ର କାର୍ଯ୍ୟକ୍ଷମ ହେତୁ ଏହା ଦୂରଦର୍ଶନ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ କାର୍ଯ୍ୟକ୍ଷମ ହେତୁ ଏହା ଦୂରଦର୍ଶନ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ଦୃଷ୍ଟିରୁ ଅଧିକ ନିର୍ଭରଶୀଳ।

ଦୂରଦର୍ଶନ ପରି କେବଳ ଦୃଶ୍ୟମାନ କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ବାକି ସମସ୍ତ ତଥ୍ୟ ଯଥା : ସଂବାଦ, ବିଭବିନୋଦନ ବ୍ୟବସ୍ଥାରେ ନାଟକ ସଚରୀତ, ଗୀତ, ଆଲୋଚନାରେ ମତାମତ, ସମସ୍ତ ଘଟଣା, ଘୋଷଣା, ନିଯୁକ୍ତି ସଂପର୍କିତ ତଥ୍ୟ, ପାଣିପାଗ, ବାତ୍ୟା, ବନ୍ୟା, ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୁଦ୍ଧ, ଶାନ୍ତି, ଶିକ୍ଷା ଇତ୍ୟାଦିରେ ବାର୍ତ୍ତା ପାଉ। ଏତିକି କହିଲେ ଯଥେଷ୍ଟ ହେବ ଯେ କେବଳ ଦୂରଦର୍ଶନ ଛବିକୁ ବାଦଦେଲେ ବାକିସବୁ ପାଇଥାଉ। ଏତିକି କହିଲେ ଠିକ୍ ହେବ ଯେ ଦୂରଦର୍ଶନରେ ଆମେ ପୂର୍ଣ୍ଣ ସ୍ୱାଦପାଇ ନଥାଉ କାରଣ ଏହା ବିଦ୍ୟୁତ୍ ବା ସେମିତି କିଛି ଉପାୟ ଉପରେ ନିର୍ଭରଶୀଳ। ଯେଉଁ ମୁହୂର୍ତ୍ତରେ ତାହା କଟିଯାଏ, ସେଇଠି ହେଲା ବ୍ୟତିକ୍ରମ। ମାତ୍ର ସେ ପୂର୍ଣ୍ଣସ୍ୱାଦ ଦିଏ ଆକାଶବାଣୀ।

ଆକଶବାଣୀ ହିଁ ଗରିବ ଲୋକର ସାଥୀ। ମାତ୍ର ଘରେ ବା ପାଖରେ ଟ୍ରାଞ୍ଜେଷ୍ଟର ସେଟଟିଏ ଥିଲେ ଏବଂ ବ୍ୟାଟେରୀର ଅଭାବ ନଥିଲେ ଏହା ଏକ ନନ୍‌ଷ୍ଟପ ବା ସର୍ବକାଳୀନ ଯନ୍ତ୍ର, ରେଡ଼ିଓର ଏକ ସ୍ଥାନିକ ବ୍ୟବସ୍ଥା ଅଛି। ବାର୍ତ୍ତା ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ପ୍ରେରଣ ପାଇଁ ଉଚ୍ଚଶକ୍ତି ସଂପନ୍ନ ଆକାଶବାଣୀ ସଂସ୍ଥାନ ଅଛି। ଏମିତିରେ ଗୋଟିଏ ଦେଶରେ ଏକାଧିକ ସଂସ୍ଥାନ ବି ପ୍ରତିଷ୍ଠା ହୋଇଛି। ବିଭିନ୍ନ ଦେଶରେ ଏହାର ନାମ କରଣ ଭିନ୍ନଭିନ୍ନ। ଭାରତରେ ଏହାକୁ ଅଲ-ଇଣ୍ଡିଆ -ରେଡ଼ିଓ ବା' ଆକାଶବାଣୀ ଭାରତ କହିଲାବେଳେ, ପାକିସ୍ତାନରେ ଏହାର ନାମ, ରେଡ଼ିଓ ପାକିସ୍ଥାନ ଏବଂ ଗ୍ରେଟ୍ ବ୍ରିଟେନ୍‌ରେ କୁହନ୍ତି ବି.ବି.ସି. ବା ବ୍ରିଟିଶ ବ୍ରଡ଼କାଷ୍ଟିଙ୍ଗ୍ କର୍ପୋରେସନ।

ଦୁଃଖ ଯେ ଦୂରଦର୍ଶନ ଆବିଷ୍କାର ଫଳରେ ଏବେ ରେଡ଼ିଓ ପ୍ରତି ଆନ୍ତରିକ ଆଗ୍ରହ ନାହିଁ। ବଜାରରେ ବିକ୍ରିପାଇଁ ଟିଭିର କାଟତି ଅଛି। ରେଡ଼ିଓ ଦୋକାନ ବନ୍ଦ। ତେବେ ସମୟ ଆସୁଛି, ଯେତେବେଳେ ଟି.ଭି.କୁ ଲୋକେ ପଚାରିବେ ନାହିଁ। ସେତେବେଳେ ରେଡ଼ିଓ ଟ୍ରାଞ୍ଜିଷ୍ଟରରେ ଦୃଶ୍ୟ ଦେଖିବାର ବ୍ୟବସ୍ଥା ହୋଇ ଯାଇଥିବ। ମୋବାଇଲ ବା ପକେଟ ରେଡ଼ିଓଟି ଦୃଶ୍ୟ-ଶ୍ରାବ୍ୟ ପାଲଟି ଯାଇଥିବ।

ଏଣୁ ଏହା ସତ୍ୟ ବୋଲି ଅନୁମିତ ହୁଏ ଯେ ମାନବସେବାରେ ଏହାକୁ ସର୍ବୋତ୍ତମ ବୋଲି ବିଚାର କରାଯାଇପାରିବ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## ଗୁଳନଗରରେ ମା ଶାରଳାଙ୍କ ଷୋଡଶ ବାର୍ଷିକ ମହୋତ୍ସବ



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଳନଗର ଗ୍ରାମରେ ଗୁରୁବାର ବୁଢା ଗୋବିନ୍ଦଜୀଉ ମନ୍ଦିର ପ୍ରାଙ୍ଗଣରେ ମା' ଶାରଳାଙ୍କ ଷୋଡଷ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜଗତସିଂହପୁର ଜିଲ୍ଲାର ଝଙ୍କଡସ୍ଥିତ ଶାରଳା ମନ୍ଦିରରୁ ଗ୍ରାମବାସୀଙ୍କ ପକ୍ଷରୁ ଦେବାଶିଷ କୁବେର ଆଜ୍ଞାମାଳ ଆଣିଥିଲେ। ମାନସୀକଧାରୀମାନେ ଗୋବରୀ ନଦୀଘାଟରୁ ଘଟ ସ୍ଥାପନ ନିମନ୍ତେ କଳସରେ ପାଣି ଆଣିଥିଲେ। ରୀତିନୀତି ଅନୁଯାୟୀ ପୁଜାନୀତି ସମ୍ପର୍ଣ୍ଣ ହୋଇଥିଲା । ମହୋତ୍ସବ ଉପଲକ୍ଷେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୁଳନଗର ପଞ୍ଚାୟତବାସୀ ସହଯୋଗ କରିବା ସହ ମା' ଶାରଳାଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ । ସମସ୍ତ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଥିଲା ।

## ବିଜେଡ଼ି ଜିଲାପରିଷଦ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର



ଫୁଲନଖରା (ପିଏନ୍)-ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକ ୩୩ନମ୍ବର ଜୋନ ବିଜେଡ଼ି ଜିଲାପରିଷଦ ପ୍ରାର୍ଥୀ ପ୍ରଦୀପକୁମାର ଭୋଇ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛନ୍ତି । ସେ ଦଳୀୟ କର୍ମୀଙ୍କ ସହ ନଗରୀ ଓ ଉଷୁମା ପଞ୍ଚାୟତର ବିଭିନ୍ନ ଗାଁ ଓ ସାହି ପରିକ୍ରମା କରି ଲୋକମାନଙ୍କୁ ଭୋଟ ଭିକ୍ଷା କରିଥିଲେ। ଏଥିରେ ନରେନ୍ଦ୍ର ମଲିକ, ଶଶିଭୂଷଣ ଦାଶ, ଅଜୟ ବେହେରା, ବିପ୍ଲବ ଯାଦବ, ମଙ୍ଗଳାପ୍ରସାଦ ମର୍ହି, ମନୋଜ ରଥ, ଦାଶରଥି ବେହେରା, ଅଜୟ ବେଉରା, ସାଧନା ସାହୁ, ଗୌରୀ ଦାସ ଓ ଜିତେନ୍ଦ୍ର ମହାପାତ୍ରଙ୍କ ସମେତ ନଗରୀ ସରପଞ୍ଚ ପ୍ରାର୍ଥୀ ତ୍ରିଲୋଚନ ଦାସ ଓ ସମିତି ସଭ୍ୟ ପ୍ରାର୍ଥୀ ବ୍ରଜକିଶୋର ବେହେରା ସାମିଲ ଥିଲେ। ୮ଟି ପଞ୍ଚାୟତକୁ ନେଇ ଗଠିତ ଏହି ଜୋନରେ ମୋଟ ୧୨୦ଟି ୱାର୍ଡ଼ ଥିଲାବେଳେ ୩୩,୯୫୭ ଜଣ ଭୋଟର ଅଛନ୍ତି।

## ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

ଜୟପୁର, (ପି.ଏ): ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢାଉ କରି ଦୁଇ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଜସ୍ଥାନର ଅନିଲ ରାଜପୁତ (୩୧) ଓ ରାକେଶ କୁମାର (୪୫) । ଅବକାରି ବିଭାଗ ସୂଚନା ଅନୁଯାଇ ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ର ରେଳେ ଷ୍ଟେସନ ଛକରେ ଚଢାଉ କରି ଯାଂଚ କରିଥିଲା । ଏକ ଟଲି ବ୍ୟାଗରେ ୨୦ କେଜି ୬୦ ଗ୍ରାମ ଗଞ୍ଜେଇ ଜବତ କରି ରାଜସ୍ଥାନର ଅନିଲ ରାଜପୁତ (୩୧) ଓ ରାକେଶ କୁମାର (୪୫)କୁ ଗରିଫ କରିଥିଲା। ଅଭିଯୁକ୍ତ ମାନେ ରେଳ ଷ୍ଟେସନକୁ ଯିବା ସମୟରେ ଅବକାରି ବିଭାଗ ଚଢାଉ କରିଥିଲା। ଗଞ୍ଜେଇ କୁ ରାଜସ୍ତାନ ଚାଲାଣ କରୁଥିବା ଅବକାରି ବିଭାଗ ତଦନ୍ତରୁ ଜାଣିବାକୁ ପାଇଛି । ଚଢାଉର ଅବକାରି ନିରିକ୍ଷକ ଦୁବାଦଳ ବିଶ୍ୱାଳ, ଏସଆଇ ରଖମନ ରାଓ, ପ୍ରଦିପ କୁମାର ଦଳେଇ, କନେଷ୍ଟବଲ।

# ଭାରତର କୋକିଳ : ସରୋଜିନୀ ନାଇଡୁ



"**ମ**ହିଳାମାନେ ପୁରୁଷମାନଙ୍କର ଆଉ ହାତ ହରିଆର ବା ଖେଳନା କଣ୍ଢେଇ ନୁହଁନ୍ତି। ମହିଳାମାନେ ବର୍ତ୍ତମାନ ନୂତନ ଉନ୍ମାଦନାର ଓ କର୍ମଶକ୍ତିରେ ଉଦ୍‌ବୁଦ୍ଧ ହୋଇଛନ୍ତି। ସେମାନଙ୍କୁ ଯେଉଁ ଦାୟିତ୍ୱ ଆଜି ପର୍ଯ୍ୟନ୍ତ ଦିଆଯାଇ ଆସିଛି, କେବଳ ସେତିକି ପାଳନ କରି ଆଜି ସେମାନେ ରହନ୍ତୁ - ଏହା କଥା ଆମେ ଚାହୁଁ ଚାହୁଁ। ମହିଳାମାନେ ଅନେକ ଆଇନ କ୍ଷେତ୍ରରେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି ଏବଂ ତଦ୍‌ଜନିତ ଅନେକ କଷ୍ଟ ଭୋଗ କରୁଛନ୍ତି। ଆଜି ଆମ୍ଭେମାନେ ଦେଶରନୈତିକ, ଅର୍ଥନୈତିକ ଓ ରାଜନୈତିକ ଅଭିବୃଦ୍ଧି ପାଇଁ ପୁରୁଷମାନଙ୍କ ସହିତ 'ପୂର୍ଣ୍ଣ ସହଯୋଗକରି କାର୍ଯ୍ୟ କରିବାପାଇଁ ଲୋଡୁ। ପୁରୁଷମାନଙ୍କ ବେକରେ ଗୋଟାଏ ବୋଝ ହୋଇ ଝୁଲିବାକୁ ଆଉ ଚାହୁଁ ନାହୁଁ।"

୧୯୩୫ ମାର୍ଚ୍ଚ ୨ତାରିଖରେ ନୂଆ ଦିଲ୍ଲୀରେ ଓଜସ୍ୱିନୀ ଭାଷଣ ଯାହାର ଥିଲା ସେ ହେଉଛନ୍ତି ସେରୋଜିନୀ ନାଇଡୁ, ଯିଏ ଜଣେ ବିଶ୍ୱ କବି ତଥା ରାଜନୀତିଜ୍ଞ ଓ ଦେଶର ପ୍ରଥମ ମହିଳା ରାଜ୍ୟପାଳ। ଏହି ସରଳ ନିଷ୍କପଟ ନେତ୍ରୀଙ୍କ ଜନ୍ମ ହୋଇଥିଲା, ୧୮୭୯ ମହିହା ଫେବୃୟାରୀ ୧୩ତାରିଖରେ, ହାଇଦରାବାଦ୍‌ରେ। ତାଙ୍କୁ ଭାରତର ନାଇଟିଙ୍ଗଲ ବା କୋକିଳ ଉପାଧିରେ ଭୂଷିତ କରାଯାଇଥିଲା। ସେ ମଧ ଭାରତର ଜାତୀୟ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ ଥିଲେ। ସେ ଉର୍ଦ୍ଦୁ, ତେଲୁଗୁ, ଇଂରାଜୀ, ପାର୍ଶି ଓ ବଙ୍ଗଳା ଭାଷାରେ ଦକ୍ଷତା ହାସଲ କରିଥିଲେ।

୧୯୧୫ରୁ ୧୯୧୮ ପର୍ଯ୍ୟନ୍ତ ସେ ଯୁବଶକ୍ତିକୁ ଜାଗ୍ରତ କରାଇବା ସହ ମହିଳା ସଶକ୍ତିକରଣ ଉପରେ ସମଗ୍ର ଦେଶବୁଲି ବକ୍ତୃତା ଦେଇଥିଲେ। ୧୯୧୬ରେ ଜବାହାର ନେହେରୁଙ୍କ ସଂପର୍କରେ ଆସିବାପରେ, ଚମ୍ପାରନ୍ ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୨୫ରେ କଂଗ୍ରେସର ଅଧ୍ୟକ୍ଷଭାବେ ନିର୍ବାଚିତ ହେଲେ। ୧୯୧୯ ଜୁଲାଇରେ ନାଇଡୁ ହୋମରୁଲ ଲିଗ୍‌ର ଇଂଲଣ୍ଡ ଦୂତଭାବେ ଅବସ୍ଥାପିତ ହେଲେ। ୧୯୨୦ରେ ଭାରତ ଫେରିଲେ ଓ ଅଗଷ୍ଟ ୧ରେ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ୧୯୩୦ ଜାନୁୟାରୀ ୨୬ରେ ମହାତ୍ମାଗାନ୍ଧୀ ଗିରଫ ହେବାର କିଛି ସମୟ ପରେ ସରୋଜିନୀ ନାଇଡୁଙ୍କୁ ମଧ ଗିରଫ କରାଗଲା ଓ ତାଙ୍କୁ ୧୯୩୧ ଜାନୁୟାରୀ ୩୧ପର୍ଯ୍ୟନ୍ତ ଜେଲରେ ରହିବାକୁ ପଡ଼ିଥିଲା। ଭାରତ ସ୍ୱାଧୀନ ହେବାପରେ ସରୋଜିନୀ ଉତ୍ତର ପ୍ରଦେଶ ତଥା ଭାରତର ପ୍ରଥମ ମହିଳା ରାଜ୍ୟପାଳ ହେଲେ ଏବଂ କର୍ତ୍ତବ୍ୟରେ ଥାଇ ୧୯୪୯ରେ ତାଙ୍କର ଦେହାନ୍ତ ହେଲା।

ସରୋଜିନୀ ନାଇଡୁ କେବଳ ଜଣେ ରାଜନୀତିଜ୍ଞ ନଥିଲେ; ସେ ଥିଲେ ଜରେ ବିଶ୍ୱକବି। ଇଂରାଜୀ କବିତାରେ ସେ ଥିଲେ ସିଦ୍ଧହସ୍ତ। ତାଙ୍କର ଇଂରାଜୀ କବିତା ଗ୍ରନ୍ଥ 'ଦି ଗୋଲଡେନ୍ ଥ୍ରେସ୍ ହୋଲଡ଼୍ (୧୯୦୫)', 'ଦିନ ବାର୍ଡ଼ ଅଫ୍ ଟ୍ୟୁନ୍ (୧୯୧୨)' ଏବଂ 'ବ୍ରୋକୋନ ଉଇଙ୍ଗ' (୧୯୧୭) ଇତ୍ୟାଦି ବିଶ୍ୱପ୍ରସିଦ୍ଧ ଗ୍ରନ୍ଥ। ଏହା ବ୍ୟତୀତ ଆଉକିଛି : 'ଇଣ୍ଡିୟାନ୍ ଡ୍ୟାନସରସ୍', 'ଦି ଇଣ୍ଡିଆନ୍ ଜିପ୍‌ସି', 'ଦି କୁଇନସ୍ ରାଇଭାଲ', 'ନାଇଟ୍ ଫଲ ଇନ୍ ଦି ସିଟ ଅଫ୍ ହାଇଦରାବାଦ୍', 'ଟୁ ଇଣ୍ଡିଆ' ଏବଂ 'ଗୁରେଦାନ' କବିତାଗୁଡ଼ିକ ବିଶେଷତ୍ୱ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଲେଖାଗୁଡ଼ିକ ଇଂରାଜୀ ଭାଷାରେ ହେଲେହେଁ, ମୁଖ୍ୟତଃ ଏଗୁଡ଼ିକର ବିଷୟବସ୍ତୁ ଏବଂ ବାସ୍ତବତା ତଥା କଳ୍ପନା ବିନ୍ୟାସରେ ଭାରତୀୟ। ତାଙ୍କର ସୃଷ୍ଟି ଅନନ୍ୟ। ସେ ଭାରତ ମାଟିର ଜଣେ ମହିୟସୀ ମହିଳା। ଏହାହିଁ ସ୍ୱୀକାର୍ଯ୍ୟ...।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**

## ନୂତନ କ୍ଲିନିକ ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-ଫୁଲନଖରା-ନିଆଳି ୬୦ନମ୍ବର ରାଜ୍ୟ ରାଜପଥ ନଖରାଠାରେ 'ମେଡ଼ିନେକ୍ସଟ ହେଲ୍‌ଥକେୟାର' ନାମରେ ଏକ ନୂତନ କ୍ଲିନିକ ଆରମ୍ଭ ହୋଇଛି। ଡାକ୍ତର ବିଘ୍ନେଶ୍ୱର ଶତପଥି, ଉଷା ଶତପଥି ଓ ଲିଜାଲୀନା ଶତପଥି ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାଶଙ୍କର ଷଡ଼ଙ୍ଗୀ, ଯଜ୍ଞେଶ୍ୱର ଶତପଥି, ଚତୁର୍ଭୁଜ ମଲିକ, ଅଜୟକୁମାର ସାହୁ, ପତିତପାବନ ନାଥ, ଅଶୋକନାରାୟଣ ହୋତା, ଡାକ୍ତର ଦେବୀପ୍ରସନ୍ନ ମର୍ହି, ସରୋଜିନୀ ଷଡ଼ଙ୍ଗୀ, ବିଶ୍ୱରନ ଦାସ, ଅନିଲ ବିଷୋୟୀ, ସ୍ମୃତିରନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆପୋଲ ପାଥୋଲ୍ୟାବ ସମେତ ଦ' ଚିକିତ୍ସା, ସ୍ତ୍ରୀରୋଗ, ଶିଶୁ ରୋଗ, ହୃଦ ଚିକିତ୍ସା, ସ୍ନାୟୁ, ଭେଷଜ ଓ ଅସ୍ଥିଶଲ୍ୟ ଚିକିତ୍ସା ସୁବିଧା ଏଠାରେ ଉପଲବ୍ଧ ହେବ। ଏହି ଅବସରରେ ଗରୀବ ରୋଗୀଙ୍କୁ ରିହାତି ମୂଲ୍ୟରେ ଔଷଧ ଓ ଚିକିତ୍ସା ସୁବିଧା ଯୋଗାଇଦିଆଯିବ ବୋଲି ଅନୁଷ୍ଠାନର ସ୍ୱତ୍ତ୍ୱାଧିକାରୀ ଜଣାଇଛନ୍ତି।

## ନନ୍ଦପୁର ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀ ବିପ୍ଳବ କେଶରୀ ବଳିଆରସିଂହଙ୍କ ନିର୍ବାଚନ ପ୍ରଚାର



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ପଂଚାୟତ ସମିତି ଅଧିନସ୍ଥ ନନ୍ଦପୁର ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀ ବିପ୍ଳବ କେଶରୀ ବଳିଆରସିଂହ ତାଙ୍କର ନିର୍ବାଚନୀ ପ୍ରଚାର ଜାରି ରଖିଛନ୍ତି। ସେ ଗତ ୨୦୧୭ ମସିହାରେ ନାଏବ ସରପଂଚ ଭାବରେ ନିର୍ବାଚିତ ହୋଇ ସୂଚାରୁ ରୂପରେ ତାଙ୍କର କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କ ପୂର୍ବରୁ ତାଙ୍କ ପିତା ଦୀର୍ଘ ୧୦ ବର୍ଷ ଧରି ସରପଂଚ ଭାବରେ କାର୍ଯ୍ୟ କରିଛନ୍ତି। ନିଜକୁ ସମାଜ ସେବାରେ ନିୟୋଜିତ କରିଥିବା ବିପ୍ଳବ କେଶରୀଙ୍କ ପ୍ରତି ଜନ ସମର୍ଥନ ରହିଥିବା ଦେଖିବାକୁ ମିଳିଥିଲା। ସେ ସରପଂଚ ଭାବରେ ନିର୍ବାଚିତ ହେଲେ ନନ୍ଦପୁର ଗ୍ରାମପଂଚାୟତର ଉନ୍ନତି ତଥା ଜନସାଧାରଣଙ୍କର ମୌଳିକ ସମସ୍ୟା ଗୁଡ଼ିକ ସମାଧାନ ଦିଗରେ ପ୍ରାର୍ଥମିକତା ଦେବେ ବୋଲି କହିଥିଲେ। ରାଜ୍ୟ ସରକାରଙ୍କର କୋଭିଡ଼ ନିର୍ଦ୍ଦେଶାବଳୀକୁ ମାନି ନିଜ ସମର୍ଥକମାନଙ୍କ ସହିତ ଘରକୁ ଘର ଯାଇ ସେ ତାଙ୍କ ନିର୍ବାଚନୀ ପ୍ରଚାର ଜାରି ରଖିବା ସହିତ ଏହି ତ୍ରୀସ୍ତରୀୟ ନିର୍ବାଚନ ପ୍ରଚାର ପଂଚାୟତ ନିର୍ବାଚନରେ ନନ୍ଦପୁର ଗ୍ରାମପଂଚାୟତର ସରପଂଚ ଭାବରେ ନିଶ୍ଚୟ ବିଜୟୀ ହେବେ ବୋଲି ଦୃଢ ଆଶାବାଦୀ ଅଛନ୍ତି।

## ଶିଶୁ କନ୍ୟାର ମୃତ୍ୟୁକୁ ନେଇ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟରେ ଉତ୍ତେଜନା : ବ୍ୟାପକ ଭଙ୍ଗା ରୁଜା

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭାବନୀୟ ଘଟଣା । ଚିକିତ୍ସା ପାଇଁ ଆସିଥିବା ଶିଶୁ କନ୍ୟାର ମୃତ୍ୟୁକୁ ନେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତେଜନା ପ୍ରକାଶ ପାଇବା ସହିତ ଉତ୍ୟକ୍ତ ଲୋକଙ୍କ ଦ୍ୱାରା ବ୍ୟାପକ ଭଙ୍ଗା ରୁଜା କରାଯିବା ସହିତ ପୋଡା ଜଳା କରାଯାଇଥିବା ଜଣାପଡିଛି । ଏହି ଘଟଣାରେ ବରୀ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ବରୀ ବ୍ଲକ ଅଲ୍ଲୀପୁର ଗ୍ରାମର କାଳନ୍ଦୀ ଗେଡିଙ୍କ ୫ ବର୍ଷୀୟ ଶିଶୁ କନ୍ୟା ଅର୍ପିତାଙ୍କର ଆଜି ସକାଳ ପାଖାପାଖି ୭ଟା ସମୟରେ ଦେହ ଖରାପ ହୋଇଥିଲା । ତାଙ୍କର ଚିକିତ୍ସା ନିମନ୍ତେ ପରିବାର ଲୋକେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଡାକ୍ତରଙ୍କ ସହ ପରାମର୍ଶ ନେଇଥିଲେ । ଡାକ୍ତର ତାଙ୍କୁ ଇଞ୍ଜିକସନ ନେବା ପାଇ ଡାକ୍ତରୀ ଚିଠାରେ ଉଲ୍ଲେଖ କରିଥିଲେ । ତେବେ ଇଞ୍ଜିକସନ ନେବାର କିଛି ସମୟ ପରେ ଅର୍ପିତାଙ୍କର ମୃତ୍ୟୁ ଘଟିଥିଲା । ଯାହାକୁ ନେଇ ଭୁଲ ଇଞ୍ଜିକସନ ପାଇଁ ଅର୍ପିତାଙ୍କ ଜୀବନ ଯାଇଥିବା ପରିବାର ପକ୍ଷରୁ କୁହା ଯାଇଥିବା ବେଳେ ଏହି ଘଟଣା ପ୍ରଚାରିତ ହେବା ପରେ ମେଡିକାଲ ପରିସରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଫଳରେ ଉତ୍ୟକ୍ତ ଲୋକେ ବ୍ୟାପକ ଭଙ୍ଗାରୁଜା କରିବା ସହ ବହୁ ଆବଶ୍ୟକୀୟ ସାମଗ୍ରୀଗୁଡିକରେ ନିଆଁ ଲଗାଇ ଦେଇଥିଲେ । ଫଳରେ ମେଡିକାଲ ପରିସର ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା । ଖବର ପାଇଁ ଯାଜପୁର ଉପ-ଜିଲାପାଳ ଗୋପିନାଥ କୁଅଁର ,ବରୀ ତହସିଲଦାର ତିଲୋତମା ପୃଷ୍ଟି,ଏସଡିପିଓ ସତ୍ୟବ୍ରତ ଲେଙ୍କା,ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଶିବାଶିଷ ମହାରଣା,ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀ ପ୍ରକାଶ ସାହୁ ଓ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ.ସବ୍ୟସାଚୀ ଦାସ ପ୍ରମୁଖମେଡିକାଲ ପରିସରରେ ପଂହଚି ଉତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ । ଜିଲା ରେଡକ୍ରସ ପକ୍ଷରୁ ସହାୟତା ଘୋଷଣା ସହ ଘଟଣାର ତଦନ୍ତ କରିବାର ପ୍ରତିଶୃତି ଦେବା ପରେ ଘଟଣା ଶାନ୍ତ ପଡିଥିଲା ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ‘ଆଧୁନିକ କବିତାରେ ସାମାଜିକ ଚିତ୍ର’ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ



ପାରାଦୀପ,(ପି.ଏନ): ପାରାଦୀପ ଉପକଣ୍ଠ ଚୂନ ବେଲାରୀସ୍ଥ ପୂର୍ଣ୍ଣଚନ୍ଦ୍ର ଭବନ ପରିସରରେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ପରିକ୍ରମା ତରଫରୁ ଶରତ କବିତା ଆସର ଏବଂ ‘ଆଧୁନିକ କବିତାରେ ସାମାଜିକ ଚିତ୍ର’ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାରାଦୀପର ସାମ୍ବାଦିକ ଆଦିତ୍ୟ ରନ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜଳନ କରି ଆନୁଷ୍ଠାନୀକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବରିଷ୍ଠ କବି ରଜୀତ ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ‘ଆଧୁନିକ କବିତାରେ ସାମାଜିକ ଚିତ୍ର’ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରରମ୍ଭରେ ରାଜଶ୍ରୀ ସାହୁ ଦେବପାଠ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ରମେଶ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କବି ଦେବ ଦୁର୍ଲଭ କରଙ୍କ ସଭାପତିତ୍ୱରେ ସାମ୍ବାଦିକ ଶ୍ରୀ ରାଉତରାୟ ଏବଂ କବି ଅଳକା ରଥଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହାପରେ କବିତା ପାଠ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ କବି ରଜୀତ ଦାସ, ଦେବ ଦୁର୍ଲଭ କର, ସୁବାସ ସେନାପତି, ଆରତୀ ଦାଶ, ରତା ସାହୁ, ଯଶମିତା ମହାନ୍ତି, ଅଳକା ରଥ, ରାଜଶ୍ରୀ ସାହୁ, ରମେଶ ଚନ୍ଦ୍ର ତ୍ରିପାଠୀ, ପ୍ରଭାତ କୁମାର ଦା. ଯଶୋବନ୍ତୀ ନାୟକ, ସ୍ୱାଗତିକା ମୁଦୁଲି ପ୍ରମୁଖ ନିଜ ନିଜର କବିତା ପାଠ କରିଥିଲେ । ଶେଷରେ କବି ଆରତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁବାସ ସେନାପତି ସଂଯୋଜନା କରିଥିବା ବେଳେ ପ୍ରଭାତ କୁମାର ଦାଶ ପରିଚାଳନା କରିଥିଲେ ।

## ଉପରାଷ୍ଟ୍ରପତି ୨୭ରେ ରାଜସ୍ଥାନ ଗସ୍ତରେ ଯିବେ

ନୂଆଦିଲ୍ଲୀ,(ପି.ଏନ): ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଆସନ୍ତା ସେପ୍ଟେମ୍ବର ୨୭ ରେ ରାଜସ୍ଥାନ ଗସ୍ତରେ ଯିବେ। ତାଙ୍କ ଗସ୍ତ ସମୟରେ ଉପରାଷ୍ଟ୍ରପତି ଝୁଞ୍ଜୁନୁ, ବାଡମେର, ବିକାନେର ଏବଂ ଯୋଧପୁରରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଉପରାଷ୍ଟ୍ରପତି ନୂଆଦିଲ୍ଲୀରୁ ରାଜସ୍ଥାନରେ ପହଂଚିବେ ଯେଉଁଠାରେ ସେ ପ୍ରଥମେ ବିଟସ୍ ପିଲାନି ପ୍ରତିଷ୍ଠାନ ପରିଦର୍ଶନ କରିବେ ଏବଂ ସେଠାରେ ଉପସ୍ଥିତ ଶିକ୍ଷକ ଓ ଛାତ୍ରମାନଙ୍କ ସହ ଆଲୋଚନା କରିବେ। ଏହା ପରେ ଉପରାଷ୍ଟ୍ରପତି ବିକାନେର ଯିବେ। ଏହା ପରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ବାଡମେର ଯିବେ ଯେଉଁଠାରେ ସେ ଗୁଦାମାଲାନିରେ ଆଇସିଆର ଶ୍ରୀ ଅନ୍ନ (ବାଜରା) ଅନୁସନ୍ଧାନ ପ୍ରତିଷ୍ଠାନର ଭିତିପ୍ରସ୍ତର ପକାଇ କୃଷି ବୈଜ୍ଞାନିକ ଏବଂ ଲୋକଙ୍କ ସହ ଆଲୋଚନା କରିବେ।

# ଉଚ୍ଛେଦକାରୀ ଦଳଙ୍କୁ ଉଠାଦୋକାନୀଙ୍କ ଜୋରଦାର ବିରୋଧ

ଭୁବନେଶ୍ୱର, (ପି.ଏନ): ଗତ କିଛିଦିନ ହେବ ୨୩ ଏବଂ ୩୯ ନମ୍ବର ୱାର୍ଡ଼ର କଳିଙ୍ଗ ବିହାର କେ-୪ ଏବଂ କେ-୫ ଅଂଚଳର ଶିବମନ୍ଦିର ଛକ ନିକଟରେ ଦୀର୍ଘ ୧୮ ବର୍ଷରୁ ଉର୍ଦ୍ଧ୍ୱ ହେବ ବେକାର ଯୁବକ ଯୁବତୀମାନେ ଉଠାଦୋକାନ କରି ନିଜର ଗୁଜୁରାଣ ମେଂଟାଇବା ସହ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି। କିନ୍ତୁ ବଡ଼ ଦୁଃଖ ଓ ପରିତାପ ବିଷୟ ବିଡ଼ିଏ, ବିଏମ୍‌ସି, ଜିଏ, ପୋଲିସ୍‌ର ମିଳିତ ଉଦ୍ୟମରେ ସେହି ଅଂଚଳରେ ଦୋକାନ କରିଥିବା ପାଖାପାଖି ୨୦୦ ଉଠାଦୋକାନୀଙ୍କୁ ଚାରି ଚାରିଥର ଉଚ୍ଛେଦ କରିବା ପାଇଁ ଉଦ୍ୟମ କରିଥିବା ବେଳେ ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟଙ୍କ ହସ୍ତକ୍ଷେପ ଫଳରେ ଉଚ୍ଛେଦ କାର୍ଯ୍ୟ ବନ୍ଦ କରାଯାଇଥିଲା ଏବଂ ମହାନଗରପାଳିକା ସୁଲୋଚନା ଦାସଙ୍କ ସହଯୋଗରେ ସେହି ଅଂଚଳରେ ଭେଣ୍ଡିଂଜୋନ କରାଯାଇ ଦୋକାନୀମାନଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପରିତାପର ବିଷୟ ସୋମବାର ହଠାତ୍ ବିଡ଼ିଏମ୍, ବିଏମ୍?ସିର କିଛି ଉଚ୍ଛେଦକାରୀ ଦଳ ଡ୍ରୋଜର ଧରି କଳିଙ୍ଗ ବିହରରେ ଦୋକାନ ଉଚ୍ଛେଦ କରିବା ପାଇଁ ବଳପ୍ରୟୋଗ କରିଥିଲେ । କଳିଙ୍ଗ ବିହାରର ଦୋକାନୀ ରମେଶ ଚନ୍ଦ୍ର ପତି, ଆଦିତ୍ୟ ପ୍ରସାଦ ରଥ, ସୂର୍ଯ୍ୟକାନ୍ତ ପଣ୍ଡା, ଶିଶିର ମହାନ୍ତି, ଜୟନ୍ତ ପ୍ରଧାନ ପ୍ରମୁଖ ଉଚ୍ଛେଦକାରୀ ଦଳଙ୍କୁ ମାନ୍ୟବର ହାଇକୋର୍ଟଙ୍କ ସ୍ଥିତାବସ୍ଥା / ନିର୍ଦ୍ଦେଶ ଦେଖାଇଲା ପରେ ଉଚ୍ଛେଦକାରୀ ଦଳ ତାହା ନଶୁଣି ଜୋର ଜବରଦସ୍ତ ଦୋକାନ ଉଚ୍ଛେଦ କରିବାକୁ ଯୋଜନା କରିଥିଲେ । ସେହି ସମୟରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱର୍ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଏବଂ ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚ ଉଚ୍ଛେଦକାରୀ ଦଳଙ୍କୁ ଘୋର ବିରୋଧ କରିବା ସହିତ ଉଠାଦୋକାନୀ ଆଇନ ଓ ସମ୍ବିଧାନର ଧାରା ୧୯(୧)(ଛ) ଉପରେ ବୁଝାଇଥିଲେ ଏବଂ ଉଚ୍ଛେଦକାରୀ ଦଳ ସମ୍ବିଧାନକୁ ଅବମାନନା କରିଥିବା ବେଳେ ସମସ୍ତ ଉଠାଦୋକାନୀ ସମ୍ବିଧାନ ବଡ଼ ନା ବିଡ଼ିଏ ବଡ଼, ଆଇନ ମାନୁନଥିବା ବିଡ଼ିଏ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଉ ଆଦି ସ୍ଲୋଗାନ ଦେଲା ପରେ ଉଚ୍ଛେଦକାରୀ ଦଳ ସେଠାରୁ ଚାଲିଯାଇଥିଲେ ।ଏଠାରେ ସୂଚନା ଥାଉକି, ରାଜ୍ୟ ସରକାରଙ୍କ କର୍ମଚାରୀ ଆଇନ ନମାନିବା, ଆଇନ ବିରୋଧ କାର୍ଯ୍ୟରୁ ନିବୃତ ନ ରୁହନ୍ତି, ତେବେ ବାଧ ହୋଇ ହଜାର ହଜାର ଉଠାଦୋକାନୀ ନବୀନ ନିବାସ ଘେରାଉ କରିବେ ବୋଲି ମହାସଂଘର ସଭାପତି ପ୍ରତାପ କୁମାର ସାହୁ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ବିଜେପି ସହ ସମ୍ପର୍କ ତୁଟାଇଲା ଏଆଇଏଡିଏମକେ, ସଂକଳ୍ପ ପାସ୍

ଭୁବନେଶ୍ୱର,(ପି.ଏନ):ସାଧାରଣ ନିର୍ବାଚନ ପୂର୍ବରୁ ବିଜେପିକୁ ଶକ୍ତ ଝଟକା। ତାମିଲନାଡୁର ଏଆଇଏଡି ଏମକେ ବିଧିବଦ୍ଧ ଭାବେ ବିଜେପି ଓ ବିଜେପି ନେତୃତ୍ୱାଧୀନ ଏନଡିଏ ସହ ସବୁ ପ୍ରକାରର ସମ୍ପର୍କଚ୍ଛିନ୍ନ କରିଛି। ଏନଡିଏରୁ ଦଳ ବାହାରିବା ନେଇ ଗୋଟିଏ ସଂକଳ୍ପ ମଧ୍ୟ ପାରିତ କରିଛି। ଏଆଇଏଡିଏମକେର ଡେପୁଟି ସାଧାରଣ ସମ୍ପାଦକ କେପି ମୁନୁସାମୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

## ୧୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ଜୟପୁର,(ପି.ଏନ): ୧୫ ଲକ୍ଷ ଟଙ୍କାର ଗଞ୍ଜେଇ ବୋଝେଇ ସ୍କୋର୍ପିଓ କାର ସହ ମାଫିଆ ଗିରଫ କଲା ମାଛକୁଣ୍ଡ ପୋଲିସ ଅଞ୍ଚଳେ ବର୍ତିଲେ ଜନସାଧାରଣ ଏବଂ ପୋଲିସ ଆନ୍ଧ୍ରପ୍ରଦେଶ ରୁ ଝାରଖଣ୍ଡ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇଥିଲା ମାଛକୁଣ୍ଡ ପୋଲିସ । କଲେଜ ଛକ ନିକଟରେ ପୋଲିସ ନାକାବନ୍ଦୀ କରିଥିଲା । ଏକ କଳା ରଙ୍ଗର କାର ମୁଖ୍ୟ ବଜାର ରେ ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସ ଅଟକାଇବା ପାଇଁ ଚେଷ୍ଟା କରିଥିଲା କିନ୍ତୁ ସ୍କୋର୍ପିଓ ରେ ଥିବା ମାଫିଆ ପୋଲିସ ବ୍ୟାରିକେଟ ଭାଙ୍ଗି ରାସ୍ତା କଡରେ ଥିବା ଦୁଇ ମଟର ସାଇକଲ ଉପରେ ଚଢାଇ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲା । ତଥାପି ପୋଲିସ ମାଫିଆ କୁ କାବୁ କରିବାରେ ସଫଳ ହୋଇଛି । କାରକୁ ଥାନାକୁ ନେଇ ଯାଂଚ କରିବାରୁ ପ୍ରାୟ ଦେଢ଼ କୁଇଂଟାଲ ଗଞ୍ଜେଇ ବାହାରିଥିଲା । ଗଞ୍ଜେଇ ମାଫିଆ ଜଣକ ଝାରଖଣ୍ଡ ଅଂଚଳର ମୁରାରୀ ମୋହନ ପାଉଲ ବୋଲି ଜଣା ପଡିଛି ।

# ନିମ୍ନମାନର କାମ କରି ଠିକାଦାର ଛୁ : ମରଣଯନ୍ତା ପାଲଟିଛି ୨୦ ନମ୍ବର ଜାତୀୟ ରାଜପଥ

ଚମ୍ପୁଆ, (ପି.ଏନ): ଠିକାଦାରଙ୍କ ମନମାନୀ ତଥା ନିମ୍ନ ମାନର କାମ ପାଇଁ ମରଣଯନ୍ତା ପାଲଟିଛି ୨୦ନମ୍ବର ଜାତୀୟ ରାଜପଥ । ଚମ୍ପୁଆ ଠାରୁ ରିମୁଳି ପର୍ଯ୍ୟନ୍ତ ସର୍ବମୋଟ ୧୫.୯୪ କି. ମି. ଦୈର୍ଘ୍ୟ ଏହି ଜାତୀୟ ରାଜପଥର ସୁଦୃଢ଼ୀ କରଣ ପାଇଁ ୧୪ କୋଟି ୫୮ ଲକ୍ଷ ୮୦ ହଜାର ଅର୍ଥାତ କିଲୋମିଟର ପ୍ରତି ୯୯ ଲକ୍ଷ ୩୦ ହଜାର ଟଙ୍କା ମଂଜୁର କରାଯାଇ ଥିଲେହେଁ ଠିକାଦାରଙ୍କ ମନମାନୀ କାର୍ଯ୍ୟ ପାଇଁ ମରଣ ଯନ୍ତା ପାଲଟିଛି ଏହି ଜାତୀୟ ରାଜପଥ । ଏହି ରାସ୍ତାର ସୁଦୃଢ଼ୀ କରଣ ପାଇଁ ଜାତୀୟ ରାଜପଥ ବିଭାଗ ଅଲେଖ କନଷ୍ଟ୍ରକସନ ନାମକ ଠିକା ସଂସ୍ଥାକୁ କାର୍ଯ୍ୟ ହସ୍ତାନ୍ତର କରି ନିଜର ଦାୟିତ୍ୱ ସାରି ଦେଇ ଥିବାବେଳେ ଠିକାଦାରଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ କେହି ନ ଥିବାରୁ ଠିକାଦାର ସାଧାରଣ ଲୋକଙ୍କ ଜୀବନ ସହିତ ଖେଳୁଥିବା ଅଭିଯୋଗ ହେଉଛି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ଗତ ୧୬ - ୦୧ - ୨୦୨୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ସମୟ ସୀମା ପ୍ରଦାନ କରାଯାଇ ଥିଲା, କିନ୍ତୁ ସେହି ସମୟ ସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରି ନ ପାରିବାରୁ ପୁନର୍ବାର ୩୦-୦୬-୨୦୨୩ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଠିକା ସଂସ୍ଥାକୁ ସମୟ ଦିଆ ଯାଇ ଥିବାବେଳେ ଠିକା ସଂସ୍ଥା ଅତି ତରବରିଆ ଭାବେ ନିମ୍ନମାନର କାର୍ଯ୍ୟ କରି ଛୁ ମାରିଥିବା ଦେଖା ଯାଇଛି । ଫଳରେ ଜାଗା ଜାଗାରେ ପିଚୁ ଉଠିଯାଇ ଗର୍ତ୍ତ ସୃଷ୍ଟି ହୋଇ ଥିବାବେଳେ ମହେଶ୍ୱରପୁର ପୋଲ ଉପରେ ରାସ୍ତାର ଉଭୟ ପାର୍ଶ୍ୱରେ ସମ୍ପୂର୍ଣ ଭାଙ୍ଗି ଖାଲ ସୃଷ୍ଟି ହୋଇଛି କ୍ଷ ସାଧାରଣ ବର୍ଷା ହେଲେ ଖାଲରେ ପାଣି ଜମି ରହି ମାଛ ଗଡିଆ ର ଭ୍ରମ ସୃଷ୍ଟି କରୁଛି କ୍ଷ ଦୂର ଦୁରାନ୍ତରୁ ଆସୁଥିବା ସାଇକେଲ, ମୋଟରସେଇକେଲ ଆରୋହୀ ପଡି ଖଣ୍ଡିଆ ଖାବରା ହେବା ନିତି ଦିନିଆଁ ଘଟଣା ପାଲଟିଛି କ୍ଷ ଦୀର୍ଘ ଦିନରୁ ଏହି ପୋଲ ଉପରେ ରାସ୍ତା ଭାଙ୍ଗି ଯାଇଥିଲେ ମଧ୍ୟ ଠିକା ସଂସ୍ଥା ମରାମତି କରିବାର ନାମ ଧରୁ ନ ଥିବାରୁ ତାହା ଏବେ ମରଣ ଯନ୍ତା ପାଲଟିଛି । ଏହି ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟାରେ ଖଣିଜ ପଥର ବୋଝେଇ ଟ୍ରକ, ଟ୍ରଲର ପ୍ରଭୃତି ଚଳାଚଳ କରୁଥିବାରୁ ସାଧାରଣ ଲୋକଙ୍କ ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଏହି ରାସ୍ତା ନିର୍ମାଣର ଅବଧି ସରି ଯାଇଥିଲେ ମଧ୍ୟ ନିର୍ମାଣ ଦାୟିତ୍ୱ ନେଇ ଥିବା ଠିକା ସଂସ୍ଥା ୨୦୨୫ - ୨୦୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ କରିବାନେଇ କାର୍ଯ୍ୟାଦେଶରେ ଉଲେଖ ରହିଥିଲେ ମଧ୍ୟ ଉକ୍ତ ଠିକା ସଂସ୍ଥା ରାସ୍ତା ମରାମତିର ନାଁ ଧରୁ ନ ଥିବାବେଳେ ପଡୋଶୀ ଝାରଖଣ୍ଡ ରାଜ୍ୟରୁ ଓଡିଶା କୁ ସଂଯୋଗ କରୁଥିବା ଏହି ରାସ୍ତାରେ ଚମ୍ପୁଆ ଉପଖଣ୍ଡ କାର୍ଯ୍ୟାଳୟରୁ କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟକୁ ଛୋଟ ଚପରାଶି ଠାରୁ ବଡ଼ ବଡ଼ିଆ ସରକାରୀ ଅଧିକାରୀ ମାନେ ଦୈନିକ ଯିବା ଆସିବା କରୁଥିଲେ ମଧ୍ୟ ମୃତ୍ୟୁ ଯନ୍ତା ପାଲଟିଥିବା ଏହି ଜାତୀୟ ରାଜପଥ ପ୍ରତି କାହାରି ନଜର ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ନିମ୍ନମାନର କାମ ଯୋଗୁଁ ଦରଭଙ୍ଗା ଏହି ରାସ୍ତାରେ ଦୈନିକ କିଛି ନା କିଛି ଦୁର୍ଘଟଣା ଘଟୁ ଥିବାରୁ ମୁଣ୍ଡ ଗଡିବାକୁ ଅପେକ୍ଷା ନ କରି ଜାତୀୟ ରାଜପଥ ବିଭାଗ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

## ବିଧାନସଭାରେ ହଟ୍ଟଗୋଳ, ଚାଲି ପାରିଲା ନାହିଁ ପ୍ରଶ୍ନକାଳ

ଭୁବନେଶ୍ୱର, (ପି.ଏନ): ଆଜି ବିଧାନସଭାରେ ବିରୋଧୀ ଦଳ ବିଜେପିର ବିଧାୟକ ମାନଙ୍କର ହଟ୍ଟଗୋଳ କାରଣରୁ ଆଜି ବିଧାନସଭାରେ ପ୍ରଶ୍ନକାଳ କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ହଟ୍ଟଗୋଳ କାରଣରୁ ବାଚସ୍ପତି ଗୃହକୁ ୧୧.୩୦ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ବର୍ଷିଲେ ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର

ଭୁବନେଶ୍ୱର,(ପି.ଏନ): ବିଧାନସଭା ବାହାରେ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ବିଧାନସଭାରେ ପ୍ରଥମ କରି ବିରୋଧୀଦଳ ନେତାଙ୍କ ଲାଇନ କାଟି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ ମୁଁ କହୁଥିଲା ବେଳେ ମୋର ଲାଇନ କାଟି ଦିଆଯାଇଥିଲା । ସେ ପ୍ରଶ୍ନ କରିଛନ୍ତି ଯେ ସିଏମ୍‌ଓ କାହାକୁ କହନ୍ତି। ଜଣେ ସଚିବ କଣ ଅଫିସ୍ କି ବୋଲି ସେ ପଚାରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବିବୃତିରେ କୌଣସି ସ୍ୱଷ୍ଟତା ନ ଥିବା ସେ କହିଛନ୍ତି। ସେ କହିଛନ୍ତି. ‘ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଭୋଟ୍ ଦେଇଛନ୍ତି, ସେ ଉତ୍ତର ଦାୟୀ। ମନ୍ତ୍ରୀଙ୍କୁ ଦେଖା କରୁ ନାହାନ୍ତି ସେ ଲୋକଙ୍କୁ କଣ ଦେଖା କରିବେ । ସେ ପ୍ରଶ୍ନ କରିଛନ୍ତି ଯେ ନାଉରୀ ନାଏକ ଓ ମୁକେଶ ମହାଲିଙ୍ଗଙ୍କ ପ୍ରଶ୍ନ କାହିଁକି ରିଜେକ୍ଟ ହେଲା । ଯଦି ରିଜେକ୍ଟ କଲେ ୫ ଦିନ ପୂର୍ବରୁ ଜଣାଇବା କଥା, କାହିଁକି କଲେନି ବୋଲି ସେ ପଚାରିଛନ୍ତି ।

# ବିଭିନ୍ନ ସ୍ଥାନକୁ ଯାଇ ଅଭିଯୋଗ ଗ୍ରହଣ କରି ସମାଧାନ ଲାଗି ସିଏମଓକୁ ନିର୍ଦ୍ଦେଶ ଦେଇଥିଲି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ବିରୋଧୀ ଦଳର ବିଧାୟକ ମାନଙ୍କ ହଟ୍ଟଗୋଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭାରେ ବିବୃତି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଭିନ୍ନ ସ୍ଥାନକୁ ଯାଇ ଅଭିଯୋଗ ଗ୍ରହଣ କରି ସମାଧାନ ଲାଗି ସିଏମଓର ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ତେବେ ଏହି ସମୟରେ ପୋଡିୟମ ତଳେ ବିଜେପି ବିଧାୟକଙ୍କ ହଟ୍ଟଗୋଳ ଜାରି ରଖିଥିଲେ। ମନ୍ତ୍ରୀ ବଡ଼ ନା ସଚିବ ବଡ଼, ଗଣତନ୍ତ୍ରକୁ ହତ୍ୟା ଭଳି ସ୍ଲୋଗାନ ଦେଇ ସେମାନେ ନାରାବାଜି କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ବିବୃତିରେ କହିଛନ୍ତି ଯେ, କୋଭିଡ ସମୟରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଲୋକେ ଆସିପାରୁ ନଥିଲେ, ଅଭିଯୋଗ ଦାଖଲ କରିପାରୁ ନଥିଲେ ।
କୋଭିଡ ପରେ ଅଭିଯୋଗ କମ

# ଭଦ୍ରକରେ ଗଣତାନ୍ତ୍ରିକ ମହିଳା ସମିତିର ପଥପ୍ରାନ୍ତ ସଭାରେ ଅକ୍ଟୋବର ୫ ଦିଲ୍ଲୀ ଚଲୋ ଡାକରା

ଭଦ୍ରକ, (ପି.ଏନ): ଭଦ୍ରକ ସହରର ବନ୍ତଛକ ଠାରେ ଗଣତାନ୍ତ୍ରିକ ମହିଳା ସମିତି ତରଫରୁ ଏକ ଅଭିଯାତ୍ରୀ ଦଳ ଆସି ପହ୍‌ବା ପରେ ସମଗ୍ର ଭାରତ ବର୍ଷରେ ଅକ୍ଟୋବର ୫ ଦିଲ୍ଲୀ ଚଲୋ ଡାକରାର ସଫଳତା ପାଇଁ ଏକ ପଥପ୍ରାନ୍ତ ସଭାର ଆୟୋଜନ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଦିଲ୍ଲୀ ମହାସମାବେଶ ପାଇଁ ବିଭିନ୍ନ ରାଜ୍ୟରେ ପ୍ରଚାର କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ଆମ ରାଜ୍ୟରେ ମଧ୍ୟ ତାହା ଚାଲୁ ରହିଛି। ତେବେ ଭଦ୍ରକ ଜିଲାରେ ୨୩ ତାରିଖରେ ରକ୍ତତୀର୍ଥ ଇରମ ଠାରେ “ଜାଠା” ର ଶୁଭାରମ୍ଭ ହୋଇ ବାସୁଦେବପୁର, ତିହିଡି, ମତୋ ଓ ଚାନ୍ଦବାଲିରେ, ବନ୍ତ ଓ ଆଗରପଡାରେ ସଭା ହେବା ପରେ ଭଦ୍ରକରେ ତାହା ଅନୁଷ୍ଠିତ ହୋଇଛି। ଏଥି ଉପଲକ୍ଷେ ଗଣତାନ୍ତ୍ରିକ ମହିଳା ସମିତିର ଅଭିଯାତ୍ରୀ ଦଳକୁ ବିଭିନ୍ନ ଗଣ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହିଳା ସମିତିର ଜିଲା ସଭାପତି ପ୍ରଭାତି ଜେନାଙ୍କ ଅଧକ୍ଷତାରେ ଏହି ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇ ଅକ୍ଟୋବର ୫ ଦିଲ୍ଲୀ ସମାବେଶକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି ସଭାରେ ଜାତୀୟ ସଂପାଦିକା ତାପସୀ ପ୍ରହରାଜ, ରାଜ୍ୟ ସଂପାଦିକା ସୁରଜିତା ନାୟକ ପ୍ରମୁଖ ଯୋଗଦେଇ ବିଜେପି, ଆରଏସଏସ ହଟାଓ, ମହିଳା ବଂଚାଅ, ଦେଶ ବଂଚାଅ ବୋଲି ସ୍ଲୋଗାନ ଦେଇଥିଲେ। ଏବଂ ନିଜ ବକ୍ତବ୍ୟରେ ୨୦୧୪ ମସିହାରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଆରଏସଏସ ନିର୍ଦ୍ଦେଶରେ ବିଜେପି ଦୀର୍ଘ ୧୦ ବର୍ଷ ଧରି ଏ ଦେଶକୁ ଶାସନ କରୁଥିବାବେଳେ ନିର୍ବାଚନ ପୂର୍ବରୁ ଦେଶ ତମାମ ବୋଲି ସେମାନେ ସରକାରକୁ ଆସିଲେ ଦରଦାମ ନିୟନ୍ତ୍ରଣ କରିବେ, ବର୍ଷକୁ ୨ କୋଟି ଚାକିରୀ ଦେବେ, କଳା ଟଙ୍କା ଉଦ୍ଧାର କରିବେ, ୧୫ ଲକ୍ଷ ଟଙ୍କା ଜମା କରିବେ, ଦେଶରୁ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଦୂର କରିବା ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ଆଜି ପ୍ରତାରଣାରେ ପରିଣତ ହୋଇଛି ବୋଲି କହିଥିଲେ। ଏବଂ ଆଜି ଦେଶରେ ମହିଳାମାନେ ସୁରକ୍ଷିତ ନଥିବାବେଳେ ସବୁଆଡେ ଓଲଟା ଗଂଗା ବୋହୁଥିବାରୁ ଏ ସରକାର ବଦଳିବା ଦରକାର ବୋଲି ଆହ୍ୱାନ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶିଖା ମହାପାତ୍ର, ସିଟୁ ନେତା ରାଧା ଦାସ, କାଳନ୍ଦୀ ପାତ୍ର, ନିରଞ୍ଜନ ପାଣି, ସୁମତି ନାୟକ, ମିନୁ ମହାପାତ୍ର, ସଂଯୁକ୍ତା ଯାଦବ, ସରସ୍ୱତୀ ହାତି, ଶାନ୍ତି ନାୟକ, ପ୍ରଭାତ ଜେନା, ଶାନ୍ତିଲତା ବାରିକ, ପକିନୀ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଚରମ୍ପା ଓ କଚେରୀ ଛକରେ ମଧ ପଥପ୍ରାନ୍ତ ସଭା ହୋଇଥିଲା।

# ୫୭୭ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ନିମାପଡା,(ପି.ଏନ):ଆଜି ନିମାପଡା ଟାଉନହଲ୍ ଠାରେ ନିମାପଡା ବ୍ଲକ ତରଫରୁ ମଧୁବାବୁ ବାର୍ଦ୍ଧକ୍ୟ ଭତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାତୋଟି ପଞ୍ଚାୟତ ଶଗଡା, ବଡ଼ମା୍‌ଛପୁର, ବାମନାଳ, ସଲଙ୍ଗ, ଅରିସଣ୍ଡ , ଧଳେଶ୍ୱର ଓ ତମ୍ପାଳ ର ୫୭୭ ଜଣ ହିତାଧିକାରୀ ଙ୍କୁ ଭତ୍ତା ପ୍ରଦାନ କରିଥିଲେ ।ଏହି ଭତ୍ତା ବଣ୍ଟନ ମେଳା ରେ ନିମାପଡ଼ା ବ୍ଲକ ଅଧକ୍ଷ ଶଙ୍କର ଭୋଇ,ବ୍ଲକ ଉପାଧକ୍ଷା ଅନୁସୟା ମହାନ୍ତି,ବିଡ଼ିଓ ବସନ୍ତ ମଲ୍ଲିକ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ,ବ୍ଲକ ବିଜେଡି ସଭାପତି ଅଶୋକ ସାହୁ,ପୂର୍ବତନ ବ୍ଲକ ଉପାଧକ୍ଷ ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Tuesday September 26, 2023 ଭୁବନେଶ୍ୱର ମଙ୍ଗଳବାର, ସେପ୍ଟେମ୍ବର ୨୬,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ବିଶ୍ୱକର୍ମା ପୂଜାରେ ପାରାଦୀପ ପୌରପାଳିକା ବ୍ରାଣ୍ଡ ଆମ୍ବାସାଡର ଅମରେଶଙ୍କ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା



ପାରାଦୀପ,(ପି.ଏନ): ଚଳିତ ବର୍ଷ ପ୍ରସିଦ୍ଧ ପାରାଦ୍ୱୀପ ବିଶ୍ୱକର୍ମା ପୂଜା ଦୀର୍ଘ ସାତ ଦିନ ଧରି ଅତ୍ୟନ୍ତ ଯାକଜକମରେ ଅନୁଷ୍ଠିତ ହୋଇଯାଇଛି । ତିନି ବର୍ଷର ବ୍ୟବଧାନ ପରେ ଯାତ୍ରା ଅନୁଷ୍ଠିତ ହୋଉଥିବାରୁ ପ୍ରତ୍ୟହ ସନ୍ଧ୍ୟାରେ ଲକ୍ଷାଧିକ ଯାତ୍ରୀ ଏବଂ ଦର୍ଶକ ପୂଜା, ମେଳା ଆଉ ଯାତ୍ରା ଦେଖିବାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲେ । ପୂଜା ଆଉ ସଂଗୀତ ମେଲୋଡିର କୋଳାହଳରେ ସାରା ପରିସର ଫାଟି ପଡୁଥିଲା । କିନ୍ତୁ ଏହାର କିଛି ଘଣ୍ଟାର ବ୍ୟବଧାନ ପରେ ସମଗ୍ର ଅଞ୍ଚଳରେ କୁଢ଼ କୁଢ଼ ମଇଳା ଦେଖିବାକୁ ମିଳୁଥିଲା,ଯାହା ସ୍ଥାନୀୟ ପରିବେଶକୁ ସମ୍ପୂର୍ଣ୍ଣ ଅପରିଷ୍କାର, ଅସ୍ୱାସ୍ଥ୍ୟକର ଓ ଗନ୍ଧମୟ କରିଦେଉଥିଲା କ୍ଷ ଯଦିଓ ପୌରପାଳିକା ପକ୍ଷରୁ ନୈନ୍ଦିନ ସଫେଇ କାର୍ଯ୍ୟ ଜାରୀ ରହିଥିଲା କିନ୍ତୁ ପ୍ରତିଦିନ ଭୋର ସକାଳୁ ଏସବୁକୁ ସଫା କରିବାକୁ ବାହାରିପଡୁଥିଲେ ପରିବେଶବିତି ତଥା ପୌରପାଳିକା ର ବ୍ରାଣ୍ଡ ଆମ୍ବାସଡର ତଥା ପରିବେଶବିତ ଅମରେଶ ନରେଶ ସାମନ୍ତ । ହାତରେ ଚାରୋଟି ବଡ ବଡ ବ୍ୟାଗ ଆଉ ଗ୍ଲୋବସ ଧରି ମୁନିସିପାଲିଟିର ସଫେଇକୁ ଅପେକ୍ଷା ନ କରି ,ନିଜେ କିପରି ନିଜ ସହରକୁ ସଫା ରଖିବାକୁ ହେବ,ପୌର ପରିଷଦ ଓ ପାରାଦ୍ୱୀପ ବନ୍ଦରର ଗାରିମାକୁ ବଜାୟ ରଖିବାର ମହତ ଉଦେଶ୍ୟ ଓ ଗଭୀର ଇଛା ଶକ୍ତିକୁ ଆୟୁଧ କରି ନିଜ ବନ୍ଦର ନଗରୀକୁ ସ୍ୱଚ୍ଛ କରିବାର ପଣ ନେଇ ପୂଜାସ୍ଥଳ ଅଭିମୁଖେ ବାହାରି ପଡୁଥିଲେ । ଜିଲ୍ଲା ତଥା ଜିଲ୍ଲା ବାହାରୁ ସକାଳୁ ଯାତ୍ରା ତଥା ବିଭିନ୍ନ କାର୍ଯ୍ୟ ନେଇ ଆସୁଥିବା ହଜ଼ାର ହଜ଼ାର ଆଗନ୍ତୁକ ସହରର ଭିନ୍ନ ଛବି ସେମାନଙ୍କ ଦୃଷ୍ଟିରେ ପଡିବା ପୂର୍ବରୁ କିପରି ପରିଷ୍କାର କରି ଏହାର ସୁସ୍ଥ ଆଉ ସୁନ୍ଦର ପୂର୍ବ ରୂପ ଫେରେଇ ଆଣିହେବ,ଏହି ସଂକଳ୍ପ ନେଇ ଦୀର୍ଘ ସାତ ଦିନ ଭୋର ସକାଳୁ ପ୍ରୟାସ ଜାରି ରଖିଥିଲେ ଏବଂ ସେଥିରେ ସଫଳ ମଧ୍ୟ ହୋଇଥିଲେ । ସାତ ଦିନରେ ସେ ଏକାକୀ ଦୁଇ କୁଣ୍ଟାଲ ପନ୍ଦର କିଲୋଗ୍ରାମରୁ ଉର୍ଦ୍ଧ ପଲିଥିନ, ପ୍ଲାଷ୍ଟିକ ଜରୀ ଓ ଅବ୍ୟବହୃତ ସୋଲ ସଂଗ୍ରହକରିଥିଲେ । ବିଭିନ୍ନ ପୂଜା ମଣ୍ଡପ, ସାଜସଜ୍ଜା ପରିସର,ସହରର ମୁଖ୍ୟ ରାସ୍ତା,ପାର୍କ,ମନୋରମ ସମୁଦ୍ରକୂଳର ବେଳାଭୂମି ଏବଂ ତତସଂଲଗ୍ନ ମୁଖ୍ୟ ରାସ୍ତାରେ ଜମା ହୋଇଥିବା କୁଢ଼ କୁଢ଼ ପଲିଥିନ,ପ୍ଲାଷ୍ଟିକ, ଖାଇବା ପତ୍ର,ଜରି ପ୍ୟାକେଟ,ସୋଲ ସାମଗ୍ରୀ ଓ ଅନ୍ୟାନ ବର୍ଜ୍ୟ ବାସ୍ତୁ ଗୁଡିକୁ ସଫା କରି ଶ୍ରୀ ସାମନ୍ତ ଏସବୁ ମୁନିସିପାଲିଟିକୁ ହସ୍ତାନ୍ତର କରିଛନ୍ତି । ଦୀର୍ଘ ତିନି ଦଶନ୍ଧି ଧରି ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଥିବା ଶ୍ରୀ ଅମରେଶ ନରେଶ ସାମନ୍ତ ଏଯାବତ ୨୪ ଟି ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବା ସହିତ ପାରାଦ୍ୱୀପ ନିକଟବର୍ତ୍ତୀ ମହାନଦୀ ମୁହାଣରେ ମୃର୍ତ୍ତିକା ସୁରକ୍ଷା ପାଇଁ ବର୍ତ୍ତମାନ ବ୍ୟପାକ ହେନ୍ତାଳ ବଣ ସୃଷ୍ଟିରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଛନ୍ତି । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରେ ବ୍ୟାପକ ସବୁଜ ବନାନୀ ସୃଷ୍ଟି କରିବା ସହିତ ପରିବେଶ ସୁରକ୍ଷା ନିମନ୍ତେ ସଦାସର୍ବଦା ଏକ ପ୍ରମୁଖ ଅନୁଷ୍ଠାନ ରୂପେ କାର୍ଯ୍ୟରତ । ସେ ଏହି କର୍ଯ୍ୟ ପାଇଁ ନିଜର ସମସ୍ତ ରୋଜଗାର ଦାନ କରି ଆଜି ଯାଏ ନିଜ ପାଇଁ ଜମିଟିଏ କିମ୍ବା ଘରଟିଏ କରିନାହାନ୍ତି ଓ ପ୍ରକୃତିର ଏଭଳି ଅନନ୍ୟ ସେବା ପାଇଁ ନିଜର ସବୁ କିଛି ତ୍ୟାଗ କରିଛନ୍ତି । ପରିବେଶ ପ୍ରତି ତାଙ୍କର ସମ୍ପୂର୍ଣ ସମର୍ପଣ ଭାବ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ୭୫ତମ ମନ କି ବାତ କାର୍ଯ୍ୟକ୍ରମରେ ଶ୍ରୀ ସାମନ୍ତଙ୍କୁ ଭୂୟଶ୍ରୀ ପ୍ରଶଂସା କରିଥିଲେ । ଚଳିତ ବିଶ୍ୱକର୍ମା ପୂଜା ସଫେଇ କାର୍ଯ୍ୟରେ ତାଙ୍କୁ ଏହି ମହାନ ଆଉ କଠିନ କାର୍ଯ୍ୟରେ ସ୍ଥାନୀୟ ନୀଳଚକ୍ର କ୍ଲବର ସଭାପତି ଦେବ ମଣ୍ଡଳ ଓ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦର ବରିଷ୍ଠ ସଭ୍ୟ ଅଭିଜିତ ପଲେଇ ସକ୍ରିୟ ସହଯୋଗ ଓ ଉତ୍ସାହିତ କରିଥିଲେ ।

# ଯାଜପୁର ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ୍ ମ୍ୟାଚ୍ ପ୍ରତିଯୋଗିତା ଅନୁଷ୍ଠିତ



ଜେନାପୁର,(ପି.ଏନ୍) :ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନରେ ଯାଜପୁର ଜିଲ୍ଲାର କୋଣ ଅନୁକୋଣରେ ଥିବା ଫୁଟବଲ୍ ଖେଳାଳି ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପ୍ରତିଯୋଗିତା ମୂଳକ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ଖେଳ ଦୁଇ ଦିନ ଧରି ହେବାକୁ ଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ ୧୭ ବର୍ଷ ରୁ କମ୍ ଫୁଟବଲ୍ ପ୍ରତିଯୋଗୀମାନେ ଜିଲ୍ଲାର ସମସ୍ତ ୧୦ ଗୋଟି ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନିରୋଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ରାଜେଶ କୁମାର ସ୍ୱାଇଁ ଯୋଗଦେଇ କ୍ରୀଡା କ୍ଷେତ୍ରରେ ପିଲାମାନେ କିଭଳି ନିଜର ପ୍ରତିଭା ଉନ୍ନତି ପ୍ରଦର୍ଶନ କରି ରାଜ୍ୟ ସ୍ତରରେ ନିଜର ପ୍ରତିଭା ବିକଶିତ କରି ସୁନାମ ଅର୍ଜନ କରିବେ ସେଥିପ୍ରତି ଲକ୍ଷ ରଖିଛନ୍ତି । ତାଙ୍କ ଅଭିଭାଷଣରେ ଦୂର ଦୂରନ୍ତାରୁ ଆସିଥିବା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହିତ କଠିନ ପରିଶ୍ରମ ଦ୍ୱାରା ଦିନେ ନା ଦିନେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ ବୋଲି ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସମ୍ମାନିତ ଅତିଥି ଏହି ବିଦ୍ୟାଳୟରୁ ଅବସର ନେଇଥିବା ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ସ୍ୱାଇଁ, ମୋ ସ୍କୁଲ ଅଭିଯାନର ସମ୍ପାଦକ ଶ୍ରୀଯୁକ୍ତ ଅଜୟ କୁମାର ଦାସ,ଜିଲ୍ଲା ଶାରିରୀକ ଶିକ୍ଷା ନିରୀକ୍ଷକ ଶ୍ରୀଯୁକ୍ତ ସମ୍ଭୁନାଥ ଦାସ, ପ୍ରମୁଖ ଯୋଗ ଦେଇଥିଲେ । ସହକାରୀ ଶିକ୍ଷକ ନିତ୍ୟାନନ୍ଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ରବିନ୍ଦ୍ର କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଦାନଗଦି ଓ ଯାଜପୁର ବ୍ଲକର ଦୁଇ ଗୋଟି ବାଳିକା ଟିମ ଅଂଶ ଗ୍ରହଣ କରିଥିବା ବେଳେ ଦାନଗଦି ବ୍ଲକ ଏକ ଶୂନ ଗୋଲ ରେ ବିଜୟୀ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ମଚାରୀମାନେ ଓ ଖେଳ ପରିଚାଳକମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ସିହା ପଂଚାୟତରେ କଂଗ୍ରେସ କର୍ମୀ ବୈଠକ

ଦର୍ପଣ, (ପିଏନ ):ବଡ଼ଚଣା ବ୍ଲକ କଂଗ୍ରେସର ନିର୍ଦ୍ଦେଶ କ୍ରମେ ସିହା ପଂଚାୟତ କଂଗ୍ରେସ କର୍ମୀ ବୈଠକ ରବିବାର ମଙ୍ଗରାଜପୁର ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପଂଚାୟତ କଂଗ୍ରେସ ସଭାପତି ପଦ୍ମନାଭ ମହାରଣା ଅଧକ୍ଷତା କରିଥିଲେ.ମୁଖ୍ୟ ଅତିଥି ଭାବେ ପୂର୍ବତନ ପଂଚାୟତ ସମିତି ଅଧକ୍ଷ ନିରଞ୍ଜନ ସାହୁ,ବ୍ଲକ କଂଗ୍ରେସ ଉପସଭାପତି ଅଶୋକ ସାମଲ,ପଂଚାୟତ ବରିଷ୍ଠ କଂଗ୍ରେସ କର୍ମୀ ସୁନାକାର ବାହାଲିଆ ,ହରିହର ମହାରଣା,ସୁନୀଲ ଦାସ,କୀଣାକାର



ବାହାଲିଆ ,ଦିଲୀପ ମହାରଣା,ବାବୁଲି ସିଂ,ବାଇନ ମହାରଣା,ବିଚିତ୍ର ଜେନା,ନିର୍ମଳ ସାହୁ,ଡମ୍ବରୁ ଦାସ,ଲକ୍ଷ୍ମୀଧର ସ୍ୱାଇଁ,କୁନା ଦେହୁରୀ,ମେଘୁନ ସାମଲ,ନିରଞ୍ଜନ ସାହୁ,ଲଖମଣ ବାହାଲିଆ ,ଅକ୍ଷୟ ପ୍ରଧାନ,କୃଷ୍ଣ ସାମଲ,ଅନୁସୟା ସାହୁ,ଡଲି ମହାରଣା ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ପଂଚାୟତରେ କିପରି କଂଗ୍ରେସ ସଂଗଠନ ମଜବୁତ ହେବ ଓ ଶାସକ ଦଳର ଦୀର୍ଘ ୨୪ ବର୍ଷ ଶାସନରେ ଉପେକ୍ଷିତ ହେଉଥିବା କଂଗ୍ରେସ କର୍ମୀମାନେ ସ୍ୱର ଉତ୍ତୋଳନ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା.ଆସନ୍ତା ୨୦୨୪ ନିର୍ବାଚନରେ ବଡଚଣାରେ କଂଗ୍ରେସକୁ ଜିତାପଟ କରିବା ପାଇଁ ଆଜିଠାରୁ ସଂକଳ୍ପ ନେବା ପାଇଁ ନିଷ୍ପତି ନିଆଯାଇଥିଲା । ବଡ଼ଚଣାର କଂଗ୍ରେସ ନେତା ତଥା ପିସିସି ସମ୍ପାଦକ କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ଦୃଢ ନେତୃତ୍ୱକୁ ବୈଠକରେ ଉଚ୍ଚ ପ୍ରଶଂଶା କରାଯାଇଥିଲା ।

# ‘ଆଧୁନିକ କବିତାରେ ସାମାଜିକ ଚିତ୍ର’ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ

ପାରାଦୀପ,(ପି.ଏନ); ପାରାଦୀପ ଉପକଣ୍ଠ ଚୂନ ବେଲାରୀସ୍ଥ ପୂର୍ଣ୍ଣଚନ୍ଦ୍ର ଭବନ ପରିସରରେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସାରସ୍ୱତ ପରିକ୍ରମା ତରଫରୁ ଶରତ କବିତା ଆସର ଏବଂ ‘ଆଧୁନିକ କବିତାରେ ସାମାଜିକ ଚିତ୍ର’ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାରାଦୀପର ସାମ୍ବାଦିକ ଆଦିତ୍ୟ ରନ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜଳନ କରି ଆନୁଷ୍ଠାନୀକ ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବରିଷ୍ଠ କବି ରଜୀତ ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ‘ଆଧୁନିକ କବିତାରେ ସାମାଜିକ ଚିତ୍ର’ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରରମ୍ଭରେ ରାଜଶ୍ରୀ ସାହୁ ଦେବପାଠ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ରମେଶ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କବି ଦେବ ଦୁର୍ଲଭ କରଙ୍କ ସଭାପତିତ୍ୱରେ ସାମ୍ବାଦିକ ଶ୍ରୀ ରାଉତରାୟ ଏବଂ କବି ଅଳକା ରଥଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହାପରେ କବିତା ପାଠ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ କବି ରଜୀତ ଦାସ, ଦେବ ଦୁର୍ଲଭ କର, ସୁବାସ ସେନାପତି, ଆରତୀ ଦାଶ, ରତା ସାହୁ, ଯଶମିତା ମହାନ୍ତି, ଅଳକା ରଥ, ରାଜଶ୍ରୀ ସାହୁ, ରମେଶ ଚନ୍ଦ୍ର ତ୍ରିପାଠୀ, ପ୍ରଭାତ କୁମାର ଦା. ଯଶୋବନ୍ତୀ ନାୟକ, ସ୍ୱାଗତିକା ମୁଦୁଲି ପ୍ରମୁଖ ନିଜ ନିଜର କବିତା ପାଠ କରିଥିଲେ । ଶେଷରେ କବି ଆରତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁବାସ ସେନାପତି ସଂଯୋଜନା କରିଥିବା ବେଳେ ପ୍ରଭାତ କୁମାର ଦାଶ ପରିଚାଳନା କରିଥିଲେ ।

# ଶ୍ରମିକ ନେତା ପ୍ରକାଶଙ୍କ ସହ ସାମିଲ ହେଲେ ପିଆଇସିଟିର ୩୦୦ରୁ ଉର୍ଦ୍ଧ ଶ୍ରମିକ

ପାରାଦୀପ,(ପି.ଏନ): ଜେଏମବକ୍ସି ଅଧିନସ୍ଥ ପିଆଇସିଟି କମ୍ପାନୀରେ କାର୍ଯ୍ୟ କରୁଥିବା ୩୦୦ରୁ ଉର୍ଦ୍ଧ ଶ୍ରମିକ ଅଂଚଳର ଜଣାଶୁଣା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ନେତୃତ୍ୱାଧିନ ପାରାଦୀପ ପୋର୍ଟ ମଜଦୁର ସଂଘ (ପିପିଏମଏସ) ରେ ସାମିଲ ହୋଇଛନ୍ତି । ୟୁନିଅନ ପରିସରରେ ରବିବାର ଦିନ ଆୟୋଜିତ ଏକ ମିଶ୍ରଣ ପର୍ବରେ ସଂଘର ସାଧାରଣ ସମ୍ପାଦକ ତଥା ପୂର୍ବତନ ବନ୍ଦର ଟ୍ରଷ୍ଟି ପରେଶ ମୁର୍ମୁ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ଉପସଭାପତି ସୁବ୍ରତ ପ୍ରଧାନ, ସମ୍ପାଦକ ସର୍ବେଶ୍ୱର ବଳିୟାରସିଂ, ଯୁଗ୍ମ ସମ୍ପାଦକ ଦିଲୀପ ବଳିୟାରସିଂ ପ୍ରମୁଖ ଉପସ୍ଥିତ ରହି ଶ୍ରମିକ ମାନଙ୍କୁ ସ୍ୱାଗତ କରିବା ସହିତ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସୂଚନା ଥାଉକି, ପିଆଇସିଟି କମ୍ପାନୀରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଏହି ଶ୍ରମିକ ମାନେ ବିଭିନ୍ନ କ୍ଷେତ୍ରରେ ଶୋଷଣ ଓ ନିର୍ଯାତିତ ହୋଇଥିବା ଏବଂ ସେମାନଙ୍କର ମୌଳିକ ଅଧିକାରରୁ ବଞ୍ଚିତ ହେବା ଫଳରେ ଆଜି ଶ୍ରମିକ ନେତା ଶ୍ରୀ ତ୍ରିପାଠୀଙ୍କ ନେତୃତ୍ୱକୁ ବିଶ୍ୱାସ ଓ ଭରଷା କରି ସାମିଲ ହୋଇଛି । ବୋଲି ଶ୍ରମିକ ମାନେ ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରମିକ ନେତା ଶ୍ରୀ ତ୍ରିପାଠୀ ଶ୍ରମିକ ମାନଙ୍କର ଅପୁରଣ କାର୍ଯ୍ୟ ପୂରଣ କରିବା ସହିତ ମାସକୁ ୨୬ ଦିନ କାର୍ଯ୍ୟ ମିଳିବା ନେଇ ପ୍ରତିଶୃତି ଦେଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଶ୍ରୀ ବେହେରା ଆଗାମି ଦିନରେ ଶ୍ରମିକ ମାନଙ୍କ ବକେୟା ଥିବା କାମକୁ ନିଶ୍ଚିତ ସମ୍ପୂର୍ଣ୍ଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

# ପଲିସୀ ବଜାର ଷ୍ଟୋର୍‌ସମୂହ ଟିୟର ୨/୩ ସହରଗୁଡିକରେ ବୀମାରେ ରୂପାନ୍ତରଣ ଆଣୁଛି

ଭୁବନେଶ୍ୱର,(ପି.ଏନ): ଲୋକମାନେ ଯେଉଁଭଳି ଭାବରେ ବୀମା କ୍ରୟ କରୁଛନ୍ତି ସେଥିରେ ପଲିସୀ ବଜାର ଷ୍ଟୋରସମୂହ ରୂପାନ୍ତରଣ ଆଣୁଛି- ସମ୍ପ୍ରତି ଗ୍ରାହକମାନେ ନିକଟବର୍ତ୍ତୀ ବଜାରରେ ଥିବା ଷ୍ଟୋର୍‌କୁ ନିଜେ ଯାଇ ୫୦ରୁ ଅଧିକ କମ୍ପାନୀ ପକ୍ଷରୁ ଉପଲବ୍ଧ ବୀମା ପ୍ଲାନ୍‌ଗୁଡିକୁ ଅନ୍‌ଲାଇନରେ ତୁଳନା କରିପାରିବେ । କେବଳ ସେତିକି ନୁହେଁ, ପଲିସୀ ବଜାର ଷ୍ଟୋରସମୂହ ମଧ୍ୟ ଗ୍ରାହକଙ୍କୁ ସେମାନଙ୍କ ଦାବି ସମାଧାନ, ସେବା ଏବଂ ନବୀକରଣ ସମ୍ପର୍କିତ ପ୍ରଶ୍ନଗୁଡିକର ସମାଧାନରେ ସହାୟତା କରୁଛି ।ସର୍ବବୀର ସିଂହ, ସିଇଓ, ପଲିସୀ ବଜାର ଡଟ୍ କମ୍ କହିଛନ୍ତି, ନ୍ତଆମର ୫୦ରୁ ଅଧିକ ସହରରେ ଉପସ୍ଥିତି ରହିଛି ଏବଂ ଆମେ ୧୦୦ରୁ ଅଧିକ ସ୍ଥାନକୁ ପରିବ୍ୟାପ୍ତ ହେବା ଯୋଜନା ରଖିଛୁ । ଏହି ଷ୍ଟୋର୍‌ଗୁଡିକ ସ୍ଥାପନ ପଛରେ ମୁଖ୍ୟ ଚିନ୍ତାଧାରା ହେଉଛି ଶାରୀରିକ ସାକ୍ଷାତକୁ ନେଇ ଯେଉଁ ଲୋକମାନେ ଅଧିକ ସ୍ୱାଛନ୍ଦ୍ୟ ମନେକରନ୍ତି, ସେମାନଙ୍କୁ ବିବିଧ ବୀମା ସମାଧାନ ଯୋଗାଇଦେବା । ତେଣୁ ଏବେ ଏକ୍ସପେରିଏନ୍ସ ସେଣ୍ଟରଗୁଡିକ ପଛରେ ମୂଳ ଭାବଧାରା ହେଉଛି ଅଧିକ ବିଶ୍ୱାସବୋଧ ନିର୍ମାଣ ଏବଂ ପ୍ରତି ପରିବାର ନିମନ୍ତେ ଆର୍ଥିକ ସୁରକ୍ଷାକୁ ସୁଗମ କରାଇବା । ଭାରତର ବୀମା ପ୍ରବେଶରେ ବୃଦ୍ଧି ଘଟାଇବା ନିମନ୍ତେ ଆମର ପ୍ରତିବଦ୍ଧତା ଅନୁଯାୟୀ ଏହା କରାଯାଉଛି । ଆମେ ଆମ ଗ୍ରାହକମାନଙ୍କୁ ଅଭୂତପୂର୍ବ ବୀମା ସୁଯୋଗ ଯୋଗାଇ ଦେଉଛୁ, ଗୋଟିଏ ୱାନ୍ ଷ୍ଟପ ସପ୍ ସେମାନଙ୍କ ଆଖପାଖରେ ଆର୍ଥିକ ସୁରକ୍ଷା ଯୋଗାଇ ଦେଉଛି ।ନ୍ତପଲିସୀ ବଜାର ଷ୍ଟୋରସମୂହ ସମ୍ପ୍ରତି ୫୦ରୁ ଅଧିକ ସହରରେ ଉପସ୍ଥିତ ରହିଛି, ଯେଉଁଥିରୁ ସଂଖ୍ୟାଧିକ ଷ୍ଟୋର୍ ଟିୟର ୨/୩ ସହରଗୁଡିକରେ ରହିଛି । ଏହା ଟିୟର ୨/୩ ସହରଗୁଡିକ ନିମନ୍ତେ ଅଧିକ ଉପଯୋଗୀ ବିବେଚିତ ହେଉଛି କାରଣ ଗ୍ରାହକମାନେ ଅଧିକ ଭଲ ଭାବରେ ବୁଝିବା ପାଇଁ ଶାରୀରିକ ଭାବରେ ସାକ୍ଷାତ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି-ପଲିସୀ ବଜାର ଷ୍ଟୋରଗୁଡିକ ଟିୟର ୨/୩ ସହରଗୁଡିକରେ ପ୍ରତି ମାସରେ ୫ହଜାରରୁ ଅଧିକ ଗ୍ରାହକଙ୍କ ବିଭିନ୍ନ ପ୍ରଶ୍ନର ସମାଧାନ ଯୋଗାଇ ଦେଉଛି ।ଏଥିସହିତ ଅନ୍‌ଲାଇନରେ ପରିଦର୍ଶନ କରୁଥିବା ଗ୍ରାହକମାନେ ମଧ୍ୟ ଅଧିକ ସହାୟତା ନିମନ୍ତେ ଏହି ଷ୍ଟୋର୍‌ଗୁଡିକ ସହିତ ସମ୍ପର୍କ ସ୍ଥାପନ କରିପାରିବେ- ଟିୟର ୨/୩ ସହରଗୁଡିକରେ ପଲିସୀ ବଜାର ଷ୍ଟୋର୍‌ସମୂହ ପରିଦର୍ଶନ କରୁଥିବା ପ୍ରତି ୧୦ରୁ ୬ ଜଣ ଗ୍ରାହକ ପ୍ଲାନ୍‌ଗୁଡିକ ସମ୍ପର୍କରେ ଜାଣିବାକୁ କୌଣସି ନା କୌଣସି ସମୟରେ ପଲିସୀ ବଜାର ୱେବ୍‌ସାଇଟ ଦେଖିଥିବା ଏକ ସର୍ବେକ୍ଷଣରୁ ଜଣାଯାଇଛି, କିନ୍ତୁ ସେମାନେ ଶାରୀରିକ ଭାବରେ ସାକ୍ଷାତ ନେଇ ଅଧିକ ସ୍ୱାଛନ୍ଦ୍ୟ ମନେ କରୁଥିବା ଜଣାଯାଇଛି ।ଟିୟର ୨/୩ ସହରଗୁଡିକରେ ଇଣ୍ଟରନେଟ୍ ଉପଲବ୍ଧତା ଏବେ ମଧ୍ୟ ନିମ୍ନ ରହିଥିବାବେଳେ ପଲିସୀ ବଜାର ଷ୍ଟୋର୍ ପରିଦର୍ଶନ କରୁଥିବା ୫୦%ରୁ ଅଧିକ ଗ୍ରାହକ ପ୍ରଥମ ଥର କ୍ରେତା ଥିବା ଜଣାଯାଇଛି ଏବଂ ପଲିସୀ ବଜାର ଷ୍ଟୋର୍ ନିକଟରେ ସହଜରେ ପହଞ୍ଚିପାରୁଥିବାରୁ ସେମାନେ ବୀମା ପ୍ଲାନ୍ କ୍ରୟ କରିବାକୁ ଯୋଜନା କରିଥିଲେ ।ବିକ୍ରୟ ସମ୍ପର୍କିତ ପ୍ରସଙ୍ଗରେ ଜାଣିବାକୁ ଏକ ପଲିସୀ ବଜାର ଷ୍ଟୋର ପରିଦର୍ଶନ କରୁଥିବା ପ୍ରତି ୨ଜଣ ଗ୍ରାହକଙ୍କ ମଧ୍ୟରୁ ଜଣେ ଗ୍ରାହକ ଶାରୀରିକ ସାକ୍ଷାତ ପରବର୍ତ୍ତୀ ସମୟରେ ଅନ୍‌ଲାଇନରେ ଏକ ବୀମା ପଲିସୀ କ୍ରୟ କରିଥିବା ଜଣାଯାଇଛି ।ପଲିସୀ ବଜାର ଷ୍ଟୋରଗୁଡିକ ଗ୍ରାହକଙ୍କ ମନରେ ଥିବା ପ୍ରଶ୍ନ ସମାଧାନ କରିବା/ ଗ୍ରାହକଙ୍କୁ ପ୍ରଶିକ୍ଷିତ କରିବାରେ ସହାୟତା କରୁଛି ଯାହା ପରବର୍ତ୍ତୀ ସମୟରେ ବୀମା କ୍ରୟ କରିବା ନିମନ୍ତେ ଗ୍ରାହକଙ୍କ ମଧ୍ୟରେ ଆସ୍ଥାଭାବ ବୃଦ୍ଧି କରୁଛି- ଆମେ ଲକ୍ଷ୍ୟ କରିଛୁ ଯେ ସେବା ସମ୍ପର୍କିତ ପ୍ରଶ୍ନ ନେଇ ଷ୍ଟୋର୍ ପରିଦର୍ଶନ କରୁଥିବା ୩୦% ଗ୍ରାହକ ଅନ୍ୟ ଉତ୍ପାଦକୁ ନେଇ ସାନି ଏକ ପଲିସୀ କ୍ରୟ କରିଛନ୍ତି ।ଟିୟର ୨/୩ ସହରଗୁଡିକରେ ଷ୍ଟୋର୍‌ଗୁଡିକ ସହିତ ସଂପୃକ୍ତ ଏଜେଣ୍ଟମାନେ ସ୍ଥାନୀୟ ବୀମା କାଉନ୍‌ସେଲର ଭାବରେ କାର୍ଯ୍ୟ କରିବା ସହିତ ଜନସାଧାରଣଙ୍କୁ ବୀମା ଏବଂ ବିଭିନ୍ନ ପ୍ଲାନ୍ ମଧ୍ୟରେ କିଭଳି ତୁଳନା କରାଯିବ ସେ ସମ୍ପର୍କରେ ପ୍ରଶିକ୍ଷିତ କରିବାକୁ ସ୍ଥାନୀୟ ସ୍ତରରେ ବୈଠକ ଆୟୋଜନ କରୁଛନ୍ତି ।ପଲିସୀ ବଜାର ଷ୍ଟୋର୍‌ସମୂହ ପୃଷ୍ଠାଙ୍କନ, ଦାବି ସମାଧାନ, ପଲିସୀର ଫିଜିକାଲ କପି ଆଦି ନିମନ୍ତେ ସେବା ଯୋଗାଇ ଦେଉଛି- ଷ୍ଟୋର ପରିଦର୍ଶନ କରୁଥିବା ଲୋକଙ୍କ ମଧ୍ୟରୁ ୩୫%ଙ୍କର ସେବା ସମ୍ପର୍କିତ ପ୍ରଶ୍ନ ରହିଥିବା ଜଣାଯାଇଛି ।ପଲିସୀ ବଜାର ଷ୍ଟୋର ପରିଦର୍ଶନ କରୁଥିବା ପ୍ରତି ୧୦ଜଣଙ୍କ ମଧ୍ୟରୁ ୭ଜଣ ଗ୍ରାହକ ୩୦ରୁ ୪୦ ବର୍ଷ ବୟସ ବର୍ଗର । ଉଭୟ ଟିୟର ୨/୩ ସହରଗୁଡିକରେ ଥିବା ଏହି ଷ୍ଟୋର୍‌ଗୁଡିକୁ ଆସୁଥିବା ୯୫% ଗ୍ରାହକ ପୁରୁଷ ବୋଲି ଜଣାଯାଇଛି ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray